
ଧରିତ୍ରୀ
DHARITRI
January 18-24, 2026 ₹2/-
ଧରିତ୍ରୀ DHARITRI 52 Years
ଛୁଟିଦିନ

# ନେତାଜୀଙ୍କ ପଥରେ...

ଦେଶକୁ ସ୍ୱାଧୀନ କରିବା ପାଇଁ ନେତାଜୀ ଗଠନ କରିଥିଲେ ଆଜାଦ୍ ହିନ୍ଦ୍ ଫୌଜ । ଯୁବକମାନଙ୍କ ମନରେ ସେ ଭରିଥିଲେ ଦେଶପ୍ରେମର ବହ୍ନି । ତାଙ୍କର ଅସୀମ ସାହସ, ତ୍ୟାଗ, ସଂଗ୍ରାମ ଓ ବଳିଦାନକୁ ଆଜି ବି  କିଛି ଯୁବପିଢି ଆଦର୍ଶ କରି କାର୍ଯ୍ୟରେ ଲଗାଇବା ସହ ତାଙ୍କରି ପଥର ପଥିକ ହୋଇଛନ୍ତି...

୩
ପ୍ରଚ୍ଛଦ ପ୍ରସଙ୍ଗ



# ରାଗ କମାଏ ମୋତି

ମୋତି ଏମିତି ଏକ ରତ୍ନ; ଯାହାକୁ ଶରୀରରେ ଧାରଣ କଲେ ମାନସିକ ଶାନ୍ତି ମିଳିବା ସହ ରାଗ, କ୍ରୋଧ କମିଥାଏ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥାନ୍ତି। ଏସବୁ ବ୍ୟତୀତ ମୋତି ଆମର ଆଉ କ'ଣ ଉପକାରରେ ଆସିଥାଏ, ସେ ସମ୍ପର୍କରେ...



✲ ମୋତି ସହ ଚନ୍ଦ୍ରମାର ସମ୍ପର୍କ ରହୁଥିବା ବିଶ୍ୱାସ କରାଯାଏ। ଯଦ୍ୱାରା ଶରୀରରେ ମୋତି ଧାରଣ କଲେ ମନ ଶାନ୍ତ ରହେ। ସକାରାତ୍ମକ ଉର୍ଜାର ପ୍ରଭାବ ମଧ୍ୟ ବୃଦ୍ଧିହୁଏ ବୋଲି ମାନ୍ୟତା ରହିଛି।

✲ ମୋତି ପିନ୍ଧିବା ଦ୍ୱାରା ରାଗ, କ୍ରୋଧ ଓ ଅବସାଦ କମେ ବୋଲି ବି ବିଶ୍ୱାସ।

✲ ମୋତି ମନରୁ ନକାରାତ୍ମକ ବିଚାରକୁ ଦୂର କରି ସକାରାତ୍ମକ ବିଚାରର ବିକାଶ କରିଥାଏ।

✲ ଭାବନାତ୍ମକ ଭାବେ ବି ଏହା ବ୍ୟକ୍ତିଙ୍କୁ ମଜଭୁତ୍ କରେ। ଠିକ୍ ନିଷ୍ପତ୍ତି ନେବାରେ ମଧ୍ୟ ଏହା ଅନେକ ସାହାଯ୍ୟ କରିଥାଏ ବୋଲି ବିଶ୍ୱାସ।

✲ ଅନିଦ୍ରା ସମସ୍ୟାରେ ଯୁଝୁଥିବା ବ୍ୟକ୍ତିଙ୍କ ପାଇଁ ବି ମୋତି ପିନ୍ଧିବା ଉପକାରୀ ବୋଲି ଜ୍ଞାନୀଗୁଣି ବ୍ୟକ୍ତିମାନେ ମତ ଦେଇଥାନ୍ତି। ଏହା ନିଦର ଗୁଣବତ୍ତା ବଢ଼ାଇଥାଏ ବୋଲି ବିଶ୍ୱାସ।

✲ ସୋମବାର ଚନ୍ଦ୍ରମାଙ୍କ ବାର ହୋଇଥିବାରୁ ଏହି ଦିନ ମୋତି ପିନ୍ଧିବା ଶୁଭ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଥାନ୍ତି।

✲ ଆଜିକାଲି ନକଲି ମୋତି ବି ମିଳୁଛି। କିନ୍ତୁ ପରଖା ଯାଇଥିବା ଅସଲି ମୋତିକୁ ନିୟମାନୁଯାୟୀ ପିନ୍ଧିଲେ ଅନେକ ସୁଫଳ ମିଳିଥାଏ। ଆଉ ଏହାକୁ ରୁପା କିମ୍ବା ଧଳା ସୁନା ସହିତ ପିନ୍ଧିବା ଉତ୍ତମ ବୋଲି କୁହାଯାଏ। ସେହିପରି ମୋତିକୁ ଏମିତି ପିନ୍ଧିବା ଆବଶ୍ୟକ, ଯେମିତି ଏହା ଶରୀରକୁ ଛୁଉଁଥିବ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୧୮-୨୪, ୨୦୨୬



**ମେଷ** – ସ୍ଥିର ସିଦ୍ଧାନ୍ତ ନେବେ, ମନୋବଳ ବୃଦ୍ଧି ପାଇବ, ସୃଜନୀଶକ୍ତିର ଅଭିବୃଦ୍ଧି, ଖର୍ଚ୍ଚ ପରିମାଣ ବଢ଼ିବ, ନୂତନ ବନ୍ଧୁସମ୍ପର୍କ, ଯାନବାହନରେ ତ୍ରୁଟି, ପାରିବାରିକ ମତାନ୍ତର, ସହକର୍ମୀଙ୍କ ପରୋକ୍ଷଶତ୍ରୁତା, ବସ୍ତ୍ରାଳଙ୍କାର କ୍ରୟ ॥

**ବୃଷ** – ନୂଆ ଯୋଜନା କରିବେ, ହିତୈଷୀଙ୍କ ପରାମର୍ଶ, ସରକାରୀ ସହାୟତା ମିଳିବ, ସଭା ସମିତିକୁ ନିମନ୍ତ୍ରଣ, ସହକର୍ମୀଙ୍କ ବିରୋଧାଭାଷ, ଆତ୍ମୀୟଙ୍କ ଅନାଦର ଭାବ, ମନ ଉଦ୍‌ବେଗ ରହିବ, ଭ୍ରମଣ ସୁଯୋଗ ମିଳିବ, ତୀର୍ଥାଟନ କରିପାରନ୍ତି ॥

**ମିଥୁନ** – କର୍ମକ୍ଷେତ୍ରରେ ସ୍ଥାନାନ୍ତର, ମାନସିକ ଅସ୍ଥିରତା, ଚୁକ୍ତିପତ୍ରରେ ପ୍ରତିବନ୍ଧକ, ବନ୍ଧୁଙ୍କ ପ୍ରତାରଣା, ପୁରୁଣା ଘର ମରାମତି, ଯାନ୍ତ୍ରିକ ଜିନିଷ କିଣି ପାରନ୍ତି, ପାରିବାରିକ ବନ୍ଧୁମିଳନ, ପର୍ଯ୍ୟଟନସ୍ଥଳୀ ପରିଦର୍ଶନ, ଦୁଃଖଦ ଅନୁଭୂତି ॥

**କର୍କଟ** – କର୍ମଦକ୍ଷତାର ପ୍ରଶଂସା, ବକେୟା ଅର୍ଥପ୍ରାପ୍ତି, ଭ୍ରାତୃସମ୍ପର୍କର ଅବନତି, ଲୋକସମ୍ପର୍କ ବୃଦ୍ଧି, ଆୟ ତୁଳନାରେ ବ୍ୟୟ ବଢ଼ିବ, ଗୃହସୀମା ବିବାଦ, ପ୍ରେସ୍ କନ୍‌ଫରେନ୍ସ, ଏଜେନ୍ସିପ୍ ବଢ଼ିବ, ପ୍ରତିବନ୍ଧକ ଦୂରେଇଯିବ ॥

**ସିଂହ** – ଆର୍ଥିକ ଅନଟନ, କାର୍ଯ୍ୟହାନୀରୁ ମନସ୍ତାପ, ଦୁଃଶ୍ଚିନ୍ତା ଦୂର ହେବ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, କର୍ମକ୍ଷେତ୍ରରେ ପ୍ରଶଂସା, ସହକର୍ମୀଙ୍କ ସହାନୁଭୂତି, ପାରିବାରିକ ସଦ୍ଭାବ, ରୋଗପୀଡା କମିବ, ଶତ୍ରୁତାର ଅବସାନ, ବନ୍ଧୁଙ୍କ ପରାମର୍ଶ ମାନିବେ, ଧର୍ମକାର୍ଯ୍ୟ କରିବେ ॥

**କନ୍ୟା** – ସଙ୍କୋଚତାର ପ୍ରଶଂସା, ପଡୋଶୀଙ୍କ ଅସହିଷ୍ଣୁତା, କର୍ମକ୍ଷେତ୍ରରେ ପଦୋନ୍ନତି, ବ୍ୟବସାୟରୁ ଲାଭବାନ୍, ପୈତୃକ ସମ୍ପତିରେ ବିବାଦ, ପାରିବାରିକ ଶାନ୍ତି, ବନ୍ଧୁଙ୍କ ଅନାସ୍ଥା ଭାବ, ରପ୍ତାନୀ ବାଣିଜ୍ୟରେ ସଫଳତା, ନୂତନ ସ୍ଥାନ ପରିଭ୍ରମଣ ॥



**ତୁଳା** – ଦୃଢ଼ ଆଶାବାଦୀ ହେବେ, ବ୍ୟୟ ଅଟକଳ କରିବେ, ଯୋଜନା କାର୍ଯ୍ୟକାରୀ ହେବ, ପାରିବାରିକ ମତାନ୍ତର, କର୍ମକ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ, ଅଭିଳାଷ ପୂରଣ ହୋଇଯିବ, ସଙ୍ଗୀତ ସମାରୋହ ॥

**ବିଛା** – ଶାରୀରିକ ସୁସ୍ଥତା, ବଳିଷ୍ଠ ବ୍ୟକ୍ତିତ୍ୱର ପ୍ରଶଂସା, ନୈତିକତାର ମାନବୃଦ୍ଧି, ନୂତନ ବନ୍ଧୁ ସମ୍ପର୍କ, ସମ୍ପର୍କୀୟଙ୍କ ଅପପ୍ରଚାର, ପାରିବାରିକ ଦ୍ୱନ୍ଦ୍ୱ, କାମ ଅଟକିବ ନାହିଁ, ବ୍ୟବସାୟରେ ଉନ୍ନତି, ଅପବାଦ ଆସିପାରେ, ଦୁର୍ଘଟଣାରୁ ରକ୍ଷା ପାଇବେ ॥

**ଧନୁ** – ଆର୍ଥିକ ଅଭିବୃଦ୍ଧି, କର୍ମଦକ୍ଷତାର ପ୍ରଶଂସା, ବିଭିନ୍ନ ସମସ୍ୟା ଆସିବ, କିଛି ଅସୁବିଧା ହେବନି, ବନ୍ଧୁ ମନୋଭାବ ବଦଳାଇବେ, ସଞ୍ଚୟ ଜମା ବଢ଼ିବ, ବାଣିଜ୍ୟରେ ପ୍ରତିବନ୍ଧକ, ସ୍ୱାସ୍ଥ୍ୟ ଖରାପ ହୋଇପାରେ , ସାହିତ୍ୟାନୁରାଗ ॥

**ମକର** – ଶୁଭଖବର ପାଇବେ, ସମ୍ପର୍କ ଯୋଡ଼ିପାରନ୍ତି, ବ୍ୟବସାୟିକ ଉତ୍କର୍ଷତା, ନୂତନ ଗୃହାରମ୍ଭ, ବାହନ ଲାଭର ଯୋଗ ରହିଛି, ପରିବାରରେ ଅଶାନ୍ତି, ମାନସିକ ଅସ୍ଥିରତା, ସାଂସ୍କୃତିକ କାର୍ଯ୍ୟରେ ସହଯୋଗ, ରୋଗପୀଡା କମିବ, ମକଦ୍ଦମାର ଫଇସଲା ॥

**କୁମ୍ଭ** – ଦୁଃଖଦ ଅନୁଭୂତି, ସାମୟିକ ଅବସାଦ, କର୍ମକ୍ଷେତ୍ରରେ ସ୍ଥିରତା, ପୁରୁଣା ଯନ୍ତ୍ରାଂଶର ମରାମତି, ବକେୟା ଅର୍ଥ ପାଇବେ, ସହକାରୀଙ୍କ ସୌହାର୍ଦ୍ଦ୍ୟ, ବିଜାତୀୟ ବ୍ୟକ୍ତି ସହ ମିତ୍ରତା, ପରିସ୍ଥିତି ବଦଳିଯିବ, ଇଣ୍ଟରଭ୍ୟୁରେ ସଫଳତା, ସନ୍ତାନଙ୍କ କୃତିତ୍ୱ ॥

**ମୀନ** – ଚେଷ୍ଟା ସଫଳ ହେବ, ଆନୁସଙ୍ଗିକ ସୁବିଧାଲାଭ, ଦୁଃଶ୍ଚିନ୍ତା ଦୂରେଇଯିବ, ବନ୍ଧୁ ବିରୋଧ କରିପାରନ୍ତି, ଭ୍ରାତୃସମ୍ପର୍କରେ ଉନ୍ନତି, କଳାପ୍ରିୟ ହେବେ, ସଭାସମିତିକୁ ନିମନ୍ତ୍ରଣ, ଆନୁଷ୍ଠାନିକ ସମ୍ମାନ, ପାରିବାରିକ ସଦ୍ଭାବ, ଋଣ ପରିଶୋଧରୁ ଆଶ୍ୱସ୍ତି, ସତ୍‌ସଙ୍ଗ ଲାଭ ॥

# ଭାଗ୍ୟ ବଦଳାଇପାରେ ମୂର୍ତ୍ତି

ଘରକୁ ସଜାଇବା ପାଇଁ ଘରେ ବିଭିନ୍ନ ପ୍ରକାରର ମୂର୍ତ୍ତି ବା ପ୍ରତିମା ରଖିବା ଏକ ସାଧାରଣ କଥା ହୋଇପାରେ। କିନ୍ତୁ ଯଦି ଏହି ମୂର୍ତ୍ତିକୁ ବାସ୍ତୁ ଅନୁଯାୟୀ ରଖାଯାଏ, ତା'ହେଲେ ଏହା କ'ଣ ଶୁଭଫଳ ଦେଇଥାଏ ସେ ସମ୍ପର୍କରେ...



✲ **କଇଁଛ:** ଭଗବାନ୍ ବିଷ୍ଣୁଙ୍କର ଏକ ସ୍ୱରୂପ କୁହାଯାଉଥିବା କଇଁଛର ପ୍ରତିମାକୁ ଘରେ ରଖିଲେ ମାତା ଲକ୍ଷ୍ମୀ ବି ପ୍ରସନ୍ନ ହୋଇଥାନ୍ତି। ଯଦ୍ୱାରା ଘରେ ସୁଖସମୃଦ୍ଧି ବୃଦ୍ଧି ହୁଏ। ଡ୍ରଇଂ ରୁମ୍‌ର ପୂର୍ବ କିମ୍ବା ଉତ୍ତର ଦିଗରେ ଏହି ପ୍ରତିମାକୁ ରଖିବା ଶୁଭ ହୋଇଥାଏ।

✲ **ହାତୀ:** ଶକ୍ତି, ସମୃଦ୍ଧି ତଥା ବୁଦ୍ଧିମତ୍ତାର ପ୍ରତୀକ କୁହାଯାଉଥିବା ହାତୀର ପ୍ରତିମାକୁ ଘରେ ରଖିଲେ ବାସ୍ତୁଦୋଷ ଦୂର ହେବା ସହ ପାରିବାରିକ କଳହ କମିଥାଏ ବୋଲି ବିଶ୍ୱାସ। ରୁପାର ହାତୀ ପ୍ରତିମାକୁ ଶୟନକକ୍ଷରେ ରଖିଲେ ରାହୁ ଦୋଷ ଦୂର ହୁଏ ବୋଲି ମାନ୍ୟତା ରହିଛି।

✲ **ଗାଈ:** ଘରେ ଗାଈର ପ୍ରତିମା ରଖିବା ସବୁଠୁ ଶୁଭ ଆଉ ପବିତ୍ର ହୋଇଥାଏ। ବିଶେଷକରି ନିଃସନ୍ତାନ ବ୍ୟକ୍ତିଙ୍କ ଘରେ ପିତ୍ତଳ ଗାଈର ପ୍ରତିମା ରଖିବା ଶୁଭ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

✲ **ଓଟ:** ଦୃଢ଼ତା, ଧୈର୍ଯ୍ୟ ଏବଂ ସଫଳତାର ପ୍ରତୀକ କୁହାଯାଉଥିବା ଓଟର ପ୍ରତିମାକୁ ଡ୍ରଇଂ ରୁମ୍‌ର ଉତ୍ତର-ପଶ୍ଚିମ ଦିଗରେ ରଖିଲେ କ୍ୟାରିୟର୍ ତଥା ବିଜ୍‌ନେସ୍‌ରେ ସଫଳତା ମିଳେ ବୋଲି ବିଶ୍ୱାସ।

✲ **ଯୋଡ଼ା ହଂସ:** ବେଡ୍‌ରୁମ୍‌ରେ ଯୋଡ଼ା ହଂସର ପ୍ରତିମା ରଖିବା ସବୁଠୁ ଶୁଭ ହୋଇଥାଏ। ଏହା ପତିପତ୍ନୀଙ୍କ ସମ୍ପର୍କକୁ ମଜଭୁତ୍ କରିବାରେ ସହାୟକ ହୋଇଥାଏ। ଗେଷ୍ଟ ରୁମ୍‌ରେ ଏହି ପ୍ରତିମାକୁ ରଖିଲେ ଆର୍ଥିକ ସ୍ଥିତି ସୁଧୁରିଥାଏ ବୋଲି ବିଶ୍ୱାସ।

# ପାଠକୀୟ

✲ ପର୍ଯ୍ୟଟକଙ୍କୁ ସବୁବେଳେ ଆକର୍ଷିତ କରିଆସିଛି ନୀଳାମ୍ବୁ ଚିଲିକା। ତେବେ କେବଳ ଚିଲିକା ହ୍ରଦ ନୁହେଁ, ଏହାର ତୀରରେ ବି ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ। ଯାହା ପାଇଁ ଡଙ୍ଗାର ଆବଶ୍ୟକତା ପଡେ ନାହିଁ। ସ୍ଥଳପଥରେ ଯାଇ ଏସବୁ ସ୍ଥାନ ଭ୍ରମଣ କରିପାରିବେ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ପ୍ରସ୍ତୁତ 'ଚିଲିକା ତୀରେ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ମନଛୁଆଁ ହୋଇଥିଲା।

*– ଅମରେଶ ମହାନ୍ତି, କେନ୍ଦ୍ରାପଡ଼ା*

✲ 'ଚିଲିକା ତୀରେ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ନିଆରା ଥିଲା। 'କେଉଁଠି ରଖିବେ ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି', 'ସିଟିଙ୍ଗ୍ ଜବ୍ କରୁଥିଲେ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଉଲେନ୍ ଦୁପଟ୍ଟା' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ରାଜଶ୍ରୀ ପରିଡ଼ା, କଟକ*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ଗାଳ୍ପିକ, ଔପନ୍ୟାସିକ କୁଞ୍ଜବିହାରୀ ପାଢ଼ୀଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାର ସୁଯୋଗ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ନୂଆ ବର୍ଷ ଓ ବାପା' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'ଆୟୁଷ୍ମାନଙ୍କ ପ୍ରଶଂସାରେ ୟାମି', 'ଆଶାରେ ଅକ୍ଷୟ', 'କେବଳ କରୀନା ହିଁ ବେଷ୍ଟ' ଆଦି ପାଠର ଉପସ୍ଥାପନା ଶୈଳୀ ଉଚ୍ଚକୋଟୀର ହୋଇଥିଲା।

*– ଦମୟନ୍ତୀ ବେହେରା, ଭବାନୀପାଟଣା*


✲ କବି, ସାହିତ୍ୟିକା ବିନ୍ଦୁ ନିବେଦିତାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ବେଶ୍ ପ୍ରେରଣାଦାୟୀ ଥିଲା। 'ଟିସ୍ୟୁ ବକ୍ସ' ଶୀର୍ଷକ ପାଠଟି ବି ନିଆରା ଥିଲା। 'ଜଉଗଡ଼' ସମ୍ପର୍କରେ ଛୁଟିଦିନରୁ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ହାଃ ହାଃ ମଧ୍ୟ ଖୁବ୍ ମଜାଦାର୍ ହୋଇଥିଲା।

*– ପ୍ରିୟଙ୍କା ମିଶ୍ର, ବରମୁଣ୍ଡା, ଭୁବନେଶ୍ୱର*

✲ 'ଦାରିଙ୍ଗବାଡ଼ିର ଯୋଗୀମଠ ଜଳପ୍ରପାତ' ସମ୍ପର୍କରେ ବହୁ ଅଜଣା ତଥ୍ୟ ସହରଠୁ ଦୂର ପୃଷ୍ଠାରୁ ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ମିଶି ବି ମିଶି ପାରନ୍ତି ନାହିଁ କାହିଁକି ଏ ଜଳରାଶି' ଶୀର୍ଷକ ପାଠଟି ବେଶ୍ ଶିକ୍ଷଣୀୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ପ୍ରକାଶିତ ପାଠଗୁଡ଼ିକ ବି ଆଶ୍ଚର୍ଯ୍ୟକର ଓ ତଥ୍ୟପୂର୍ଣ୍ଣ ଥିଲା।

*– ସ୍ୱପ୍ନା ଦାଶ, ବଲାଙ୍ଗୀର*

## ବିଶେଷ ଚିଠି




ଚିଲିକା ତୀରେ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ନିଚ୍ଛକ କଥାକୁ ନେଇ
ମନେ ଭରିଥିଲା ଅପୂର୍ବ ରଙ୍ଗ।
ଲାଇଫ୍ ଷ୍ଟାଇଲ୍ ପୃଷ୍ଠା ବି ଥିଲା
ଭାରି ନିଆରା,
ସାଥୀର ଉତ୍ତର ପୁଣି ଦେଉଥିଲା
ଭିନ୍ନ କିଛି ଇସାରା।
ହେ ମୋର ପ୍ରିୟ ଛୁଟିଦିନ
ତୁମର ଷୋହଳଟି ଯାକ ପୃଷ୍ଠା ଲାଗେ
ନୂତନ ନୂତନ।

*– ମମତା ବିଶୋଇ, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ନେତାଜୀଙ୍କ ପଥରେ...



**ଦେ**ଶକୁ ସ୍ୱାଧୀନ କରିବା ପାଇଁ ସେ ଗଠନ କରିଥିଲେ ଆଜାଦ୍ ହିନ୍ଦ୍ ଫୌଜ। ବୀର ଫୌଜୀମାନଙ୍କ ମନରେ ସାହସ ଓ ଦେଶପ୍ରେମ ଜାଗ୍ରତ କରିବାରେ ତାଙ୍କର ଥିଲା ଅତୁଳନୀୟ ଅବଦାନ। ସେ କହୁଥିଲେ ମୋତେ ରକ୍ତ ଦିଅ ! ମୁଁ ତୁମକୁ ସ୍ୱାଧୀନତା ଦେବି! ସେହି ମହାନ ବିପ୍ଳବୀ ଯୁଗପୁରୁଷ ହେଲେ ନେତାଜୀ ସୁଭାଷଚନ୍ଦ୍ର ବୋଷ। ଦେଶକୁ ସ୍ୱାଧୀନତା ଦେବା ପାଇଁ ତାଙ୍କର ଅସୀମ ସାହସ, ତ୍ୟାଗ, ସଂଗ୍ରାମ ଓ ବଳିଦାନ ତାଙ୍କୁ ସବୁବେଳେ ଅମର କରି ରଖିବ। ଯେଉଁଥିପାଇଁ ଆଜି ବି କିଛି ଯୁବପିଢି ତାଙ୍କରି କଥାକୁ କାର୍ଯ୍ୟରେ ଲଗାଇ ତାଙ୍କରି ପଥକୁ ଅନୁସରଣ କରୁଛନ୍ତି...

**ଆଜାଦ୍ ହିନ୍ଦ୍ ଫୌଜରେ ଥିଲେ ଚମ୍ପାଇଲୋର ୨୩ଜଣ ଯୁବକ:**–ସେତେବେଳେ ଦେଶରେ ବ୍ରିଟିଶ୍ ଶାସନ ଚାଲିଥାଏ । ବ୍ରିଟିଶ୍‌ଙ୍କ ଜୁଲମରେ ଓଡ଼ିଶାର ଅନେକ ଗାଁର ଲୋକମାନେ ନିଜର ରୋଜଗାର ହରାଇ, ଭିଟାମାଟି ଛାଡି ରୋଜଗାର ଆଶାରେ ସୁଦୂର ରେଙ୍ଗୁନ୍ ପଳାଉଥିଲେ। ସେମିତି ଯାଇଥିଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚମ୍ପାଇଲୋ ଗାଁର ୨୩ଜଣ ଯୁବକ। ହେଲେ ସେଠାରେ ନେତାଜୀଙ୍କ ଡାକରା ଶୁଣିବା ପରେ ସମସ୍ତେ ସାମିଲ ହୋଇଗଲେ ଆଜାଦ୍ ହିନ୍ଦ୍ ଫୌଜରେ। ସେମାନଙ୍କ ମଧ୍ୟରେ ଥିଲେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ସାମନ୍ତ, ଲଛମନ ଶତ୍ରୁଶଲ୍ୟ, ଅର୍ଜୁନ ଫତେସିଂ, ଉମ୍ବରୁଧର ସ୍ୱାଇଁ, ପତିତପାବନ ବଳିୟାରସିଂହ, ବେଲ ବରାଡ଼, ସୁରେନ୍ଦ୍ର ସୁନ୍ଦରାୟ, ଜଗନାଥ ସାହୁ, ଭୋବନୀ ଦଳ ସିଂହାର, ଲୋକନାଥ ରଣସିଂହ, ଚୈତନ୍ୟ ଗୁମାନସିଂ, ଦୈତାରି ଚମ୍ପତିରାୟ, ମଙ୍ଗୁଳି ମହାନ୍ତି, କୃଷ୍ଣଚନ୍ଦ୍ର ସାମନ୍ତରାୟ, ଅପର୍ତ୍ତି ମାର୍ଥା, ଅଚ୍ୟୁତ ସାମନ୍ତରାୟ, ବ୍ରହ୍ମଚାରୀ ଉତ୍ତରାୟ ପ୍ରମୁଖ। ଏ ସମ୍ପର୍କରେ ଗାଁର ବ୍ରହ୍ମଚାରୀ ଉତ୍ତରାୟ ଜୀବିତ ଥିବାବେଳେ କହିଥିଲେ, ଦେଶର ଚାରିଆଡ଼େ ବ୍ରିଟିଶ ଶାସନ ଚାଲିଥାଏ। ଓଡ଼ିଶାର ଗାଁ ଗାଁରେ ଲୋକଙ୍କ ଉପରେ ବହୁ କଟକଣା। ପେଟପାଟଣା ପାଇଁ ଆମେ ରେଙ୍ଗୁନ ଯାଇ ଦିନମଜୁରିଆ ଭାବେ କାମ କରୁଥିଲୁ। ସେହି ସମୟରେ ନେତାଜୀଙ୍କ ଡାକରା ଆସିଲା, ବିଦେଶୀଙ୍କୁ ଦେଶରୁ ହାଟାଇବାକୁ ହେବ। ଏ କଥା ମନକୁ ବାରମ୍ବାର ଅଥୟ କଲା। ବର୍ମାର ମଙ୍ଗଳାଠାରେ ଏକ ସଭା ହୋଇଥିଲା। ସେଇଠି ଆଜାଦ୍ ହିନ୍ଦ୍ ଫୌଜରେ ଆମେ ଯୋଗଦେଇଥିଲୁ। ଏଥିପାଇଁ ପ୍ରଥମେ ଆମେ ହାତ କାଟି ରକ୍ତ ଦେଇଥିଲୁ। ନେତାଜୀ ଆମ ରକ୍ତକୁ ନେଇ ମୁଣ୍ଡରେ ଲଗାଇ ଆମକୁ ଗ୍ରହଣ କରିଥିଲେ । ଆଉ କହିଥିଲେ ବିନା ରକ୍ତରେ ସ୍ୱାଧୀନତା ସମ୍ଭବ ନୁହେଁ ! ସେହି ଦିନଠାରୁ ବ୍ରିଟିଶ ବିରୋଧରେ ଆନ୍ଦୋଳନ ଜୋର୍‌ଦାର ହେଲା।' ଚମ୍ପାଇଲୋ ଗାଁର ପ୍ରମୋଦ ପ୍ରତାପ ସିଂ କୁହନ୍ତି, 'ସେତେବେଳେ ଆଜାଦ୍ ହିନ୍ଦ୍ ଫୌଜରେ ଯୋଗଦେଇଥିବା ଆମ ଗାଁର ସେଇ ସଂଗ୍ରାମୀମାନେ ଆଉ ନାହାନ୍ତି। ସେମାନଙ୍କ ସଂଗ୍ରାମ ପାଇଁ ଆମେ ଗର୍ବିତ । ସେହି ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଏକ କ୍ଲବ ଘର ନିର୍ମାଣ ହୋଇଛି। ପ୍ରତିବର୍ଷ ଏଠାରେ ନେତାଜୀଙ୍କ ଜୟନ୍ତୀ ଏକ ସ୍ୱତନ୍ତ୍ର ସଭାର ଅୟୋଜନ ହୋଇଥାଏ। ଗାଁରେ ଥିବା ଦାମୋଦର ମଇସ୍କୁଲ ତରଫରୁ ଛାତ୍ରୀଛାତ୍ରମାନେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଦେଇ, ଜାତୀୟ ପତାକା ଉତ୍ତୋଳନ କରିଥାନ୍ତି। ସ୍ୱାଧୀନତା ସଂଗ୍ରାମୀଙ୍କ ନାମକୁ ନେଇ ଦେଶାତ୍ମବୋଧକ ସ୍ଲୋଗାନ ଦେଇସାହି ପରିକ୍ରମା କରିଥାନ୍ତି। ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ମଧ୍ୟ ଏଥିରେ ସାମିଲ ହୋଇଥାନ୍ତି।

**ପ୍ରେରଣାଦିଏ ନେତାଜୀଙ୍କ ଚିତ୍ର:**
ଶିଳ୍ପୀ କେବେ ପ୍ରକୃତିର ରୂପବର୍ଣ୍ଣାଳିକୁ ଦେଖି ତ ପୁଣି କେବେ ନିଜ ମନରେ ଉଙ୍କିମାରୁଥିବା କାଳ୍ପନିକ ଚିତ୍ରକୁ କାନ୍‌ଭାସ୍‌ରେ ରୂପଦିଏ। କିନ୍ତୁ ଇଏ ଏମିତି ଜଣେ ଚିତ୍ରଶିଳ୍ପୀ ଯାହାଙ୍କ ତୂଳୀରେ ଚିତ୍ରର ରୂପ ନିଅନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ସେ ହେଲେ ଶିଳ୍ପୀ ରାଜୀବ ଦେଓ। ରାଜୀବ ନେତାଜୀଙ୍କ ଜୀବନରେ ଘଟିଥିବା ବିଭିନ୍ନ ଘଟଣାକୁ ନେଇ ଏକାଧିକ ଚିତ୍ର ଅଙ୍କନ କରିଛନ୍ତି। ତାଙ୍କ ଚିତ୍ର ଦେଖିଲେ ହିଁ ବୁଝିହେବ ନେତାଜୀଙ୍କ ଜୀବନଦର୍ଶନ। ରାଜୀବଙ୍କ ଘର ଝାରସୁଗୁଡ଼ାରେ। ସେ କୁହନ୍ତି, 'ପିଲାଟିଦିନରୁ ଚିତ୍ରଅଙ୍କନ କରିବାରେ ମତେ ବହୁତ ଭଲ ଲାଗୁଥିଲା। ତେବେ ସବୁଠୁ ଭଲ ଲାଗୁଥିଲା ନେତାଜୀଙ୍କ ଚିତ୍ର ଅଙ୍କନ କରିବାରେ। କାରଣ ମୋ ଜେଜେ ଓ ବାପାଙ୍କଠାରୁ ନେତାଜୀଙ୍କ ବିଷୟରେ ଅନେକକଥା ଶୁଣିଥିଲି। ଏଥିଯୋଗୁ ନେତାଜୀଙ୍କ ସମ୍ପର୍କରେ ମୋ ମନରେ ତାଙ୍କ ଘଟଣାଗୁଡ଼ିକ ସିନେମାଦୃଶ୍ୟ ପରି ଉଙ୍କି ମାରୁଥିଲା। ସେ ସବୁକୁ ଚିତ୍ରରେ କେମିତି ସ୍ଥାନ ଦେବି ସେଇ କଥା ମନରେ ଘାଣ୍ଟି ହେଉଥିଲା। ଦେଶ ସ୍ୱାଧୀନ ହେବା ପୂର୍ବରୁ ନେତାଜୀ ଏକ ପତକା ଉଡ଼ାଇଥିଲେ। ତାହାକୁ ମୁଁ ଚିତ୍ରରେ ଆଙ୍କିଛି। ସେହିପରି ସ୍ୱରାଜ ଖବରକାଗଜ ଉନ୍ମୋଚନ ଦୃଶ୍ୟ, ଆଜାଦ୍ ହିନ୍ଦ୍ ଫୌଜ ଗଠନ ଆଦିକୁ ନେଇ ଚିତ୍ର ଅଙ୍କନ କରିଛି। ନେତାଜୀଙ୍କ ଜୀବନ କାହାଣୀ ମୋ ମନରେ ଦେଶପ୍ରେମ, ଶ୍ରଦ୍ଧା ଓ ଅସୀମ ସାହସ ଭରିଥାଏ।'

**ନେତାଜୀଙ୍କ ସ୍ମୃତିରେ ମ୍ୟୁଜିୟମ–:** କେନ୍ଦ୍ରାପଡାର ଫକିରାବାଦସ୍ଥିତ ସେକ୍ ମୁସ୍ତାକ କରିଛନ୍ତି ନିଜସ୍ୱ ଉଦ୍ୟମରେ ମ୍ୟୁଜିୟମ।ଯେଉଁଥିରେ ସାଇତି ରଖିଛନ୍ତି ନେତାଜୀଙ୍କର ବହୁ ସ୍ମାରକୀ, ଫଟୋ, ହାତଲେଖା ଚିଠି, ନେତାଜୀଙ୍କ ଭାଷଣଠାରୁ ଆରମ୍ଭ କରି ୧୫୦ରୁ ଊର୍ଦ୍ଧ୍ୱ ନିଉଜ କ୍ଲିପ। ଛୋଟ ବଖୁରିଆ ଘରେ ସଂଗୃହୀତ ବହୁ ପୁରୁଣା ସ୍ମୃତି ସାଇତା ଥିବା ବେଳେ ବହୁ ବିଦ୍ୱାନ୍ ବ୍ୟକ୍ତି ଏଠାକୁ ଆସି ଗବେଷଣା କରିଥାନ୍ତି। ସେକ୍ ମୁସ୍ତାକ ପେସାରେ →





ଜଣେ ଓକିଲ । ତାଙ୍କର ଏହି ମ୍ୟୁଜିୟମରେ ରହିଛି ନେତାଜୀଙ୍କ ୧୯୧୩ମସିହାରେ ଏଣ୍ଟ୍ରାନ୍ସ ପାସ୍ କରିଥିବା ବିହାର ଓ ଓଡ଼ିଶାର ଗେଜେଟ ନୋଟିଫିକେଶନ, ଇଣ୍ଡିଆନ ନ୍ୟାଶନାଲ ଆର୍ମି (ଆଇଏନ୍ଏ)ର କ୍ୟାପଟେନ ଡା. ଲକ୍ଷ୍ମୀ ସେହଗଲଙ୍କ ନିକଟକୁ ଲେଖିଥିବା ହାତଲେଖା ଚିଠି, ୧୯୪୨ମସିହାର ପୋଷ୍ଟାଲ ଷ୍ଟାମ୍ପ ସହିତ ବଙ୍ଗଳାର ବସୁମତି ମାଗାଜିନ, ଯେଉଁଥିରେ ନେତାଜୀଙ୍କ ୭୫ରୁ ଊର୍ଦ୍ଧ୍ୱ ଫଟୋ ସ୍ଥାନିତ ହୋଇଛି । ନେତାଜୀଙ୍କ ସ୍ମାରକୀ ସମ୍ପର୍କରେ ସେକ୍ ମୁସ୍ତାକ କୁହନ୍ତି, 'ଯାଜପୁର ଜିଲା କୋରେଇ ଗ୍ରାମର ଅବଦୁଲ ହମିଦ ହଜାରୀ ନେତାଜୀଙ୍କ ବ୍ୟବହୃତ ହୋମିଓପାଥି ବକ୍ସ, ମୁଗୁନି ଗ୍ଲାସ ଓ ବହୁ ବିରଳ ଫଟୋ ମ୍ୟୁଜିୟମକୁ ଦାନ କରିଛନ୍ତି । ୧୯୧୦ମସିହାରେ ଓଡ଼ିଶାରେ କଲେରା ରୋଗରୁ ନିବୃତ୍ତ ପାଇଁ ନେତାଜୀ ବ୍ୟବହାର କରିଥିବା ବ୍ଲିଚିଂ ପାଉଡର ବାକ୍ସ ଅଛି । ଏହି ମ୍ୟୁଜିୟମରେ ନେତାଜୀଙ୍କ ସମ୍ପର୍କରେ ପ୍ରାୟ୨୦୦ରୁ ଊର୍ଦ୍ଧ୍ୱ ପୁସ୍ତକ ସହ ନେତାଜୀଙ୍କ ଭାଷଣ ରେକର୍ଡ ବି ରହିଛି ।

**ନେତାଜୀଙ୍କ ପାଇଁ ଆଜାଦ୍ ହିନ୍ଦ୍ କ୍ଲବ** –ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପାଇକସାହିରେ ୧୯୮୧ ମସିହାରେ ଗଢିଉଠିଛି ଆଜାଦ୍ ହିନ୍ଦ୍ କ୍ଲବ । ଦୀର୍ଘ ବର୍ଷ ଧରି କ୍ଲବର ସଭ୍ୟମାନେ ଆଜିଯାଏ ଜନହିତକର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ପ୍ରତିବର୍ଷ ନେତାଜୀ ଜୟନ୍ତୀ ପାଳନ ହେବାସହ ଆଗାମୀ ବର୍ଷ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହୋଇଥାଏ । କ୍ଲବର ସଭ୍ୟମାନେ ମିଳିତ ଭାବେ ଗ୍ରାମ ସଫେଇ, ପୋଖରୀରୁ ଦଳ ଉଦ୍ଧାର ଆଦି କାର୍ଯ୍ୟ କରିଥାନ୍ତି । ପରିବେଶର ସୁରକ୍ଷା ପାଇଁ ରାସ୍ତା କଡ଼ରେ ବୃକ୍ଷରୋପଣ କରିବା ସହ ବାଲ୍ୟବିବାହ ବିରୋଧରେ ଲୋକମାନଙ୍କୁ ସଚେତନ କରାଇଥାନ୍ତି ବୋଲି କ୍ଲବର ସଦସ୍ୟମାନେ କୁହନ୍ତି ।



**ନେତାଜୀଙ୍କ ଜନ୍ମ ପୀଠ ସଂଗ୍ରହାଳୟ ପ୍ରେରଣାର ଉତ୍ସ**–: କଟକ ସହରର ଓଡ଼ିଆ ବଜାରରେ ଥିବା ଜାନକୀନାଥ ଭବନର କେବଳ କଟକ ନୁହେଁ ସମଗ୍ର ଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି । ମହାନ୍ ରାଷ୍ଟ୍ରନାୟକ ନେତାଜୀ ସୁଭାଷଚନ୍ଦ୍ର ବୋଷ ୧୮୯୭ ଜାନୁଆରୀ ୨୩ରେ ଜନ୍ମ ନେବା ସହ ଶୈଶବ ଓ କୈଶୋର ଅବସ୍ଥା କଟକରେ କଟାଇଥିଲେ । ରେଭେନ୍ସା କଲେଜିଏଟ ସ୍କୁଲରୁ ନେତାଜୀ ମାଟ୍ରିକ ପାସ୍ କରିବା ପର୍ଯ୍ୟନ୍ତ ନିଜର ୭ଭାଇ ଓ ୬ଭଉଣୀଙ୍କ ସହ ଏହି ଘରେ ରହୁଥିଲେ । ଜଣେ ମେଧାବୀ ଛାତ୍ର ଭାବେ ୧୯୧୩ରେ କଲିଜିଏଟ ସ୍କୁଲରୁ ମାଟ୍ରିକ ପାସ୍ କରି ପରେ ନେତାଜୀ କଲିକତାର ପ୍ରେସିଡେନ୍ସି କଲେଜରେ ନାମ ଲେଖାଇଥିଲେ । ସେତେବେଳେ ଭାରତ ବିରୋଧି ଜଣେ ଅଧ୍ୟାପକଙ୍କୁ ବିରୋଧକରି ସେ ସେଠାରୁ ବହିଷ୍କୃତ ହେବା ପରେ ପୁଣି କଟକକୁ ଫେରିଆସିଲେ । ସମାଜ ସେବାରେ ସାମିଲ ହେବା ସହିତ ଓଡ଼ିଆ ବଜାରରେ ଯୁବକଙ୍କୁ ଏକାଠି କରି ଜାନକୀନାଥ ଭବନରେ ଦୁର୍ଗାପୂଜା କରିଥିଲେ । ଯାହା ପରବର୍ତ୍ତୀ ସମୟରେ ସାର୍ବଜନୀନ ଦୁର୍ଗାପୂଜାରେ ପରିଣତ ହୋଇଥଲା । ୧୯୧୭ ମସିହାରେ ସେ ପୁଣି ଉଚ୍ଚଶିକ୍ଷା ପାଇଁ କଲିକତା ଯାଇଥିଲେ । ନେତାଜୀଙ୍କ ଏହି ପୈତୃକ ଘର 'ଜାନକୀନାଥ ଭବନ'ର ନାମକରଣ ପ୍ରଖ୍ୟାତ ଓକିଲ ଜାନକୀନାଥ ବୋଷଙ୍କ ନାମ ଅନୁସାରେ ହୋଇଥିଲା । କଟକ ବାହାରେ ରହୁଥିଲେ ବି ୧୯୩୪ ମସିହା ପର୍ଯ୍ୟନ୍ତ ଏହି ଘର ସହ ନେତାଜୀଙ୍କର ସମ୍ପର୍କ ଥିଲା । ପରେ ରାଜ୍ୟସରକାର ନେତାଜୀଙ୍କର ଏହି ଘରକୁ ସ୍ୱତନ୍ତ୍ର ରୂପଦେଇ ନେତାଜୀଙ୍କ ଜନ୍ମ ସ୍ଥାନ ସଂଗ୍ରହାଳୟ ଭାବେ ସର୍ବସାଧାରଣଙ୍କ ପାଇଁ ଉତ୍ସର୍ଗ କରିଥିଲେ । ବର୍ତ୍ତମାନ ଏହି ସଂଗ୍ରହାଳୟ ପ୍ରାୟ ୨୩ ପ୍ରକୋଷ୍ଠ ବିଶିଷ୍ଟ । ଦ୍ୱିତଳ ବିଶିଷ୍ଟ ବାସଭବନକୁ ୧୨ଟି ଗ୍ୟାଲେରିରେ ବିଭକ୍ତ କରାଯାଇଛି । ଏଠାରେ ନେତାଜୀଙ୍କ ଜୀବନୀ ସମ୍ପର୍କରେ ବିଭିନ୍ନ ସାମଗ୍ରୀ ଓ ଫଟୋଚିତ୍ରକୁ ରଖାଯାଇଛି । ପ୍ରଥମ ଗ୍ୟାଲେରିରେ – ନେତାଜୀଙ୍କ ଷ୍ଟଡ଼ି ରୁମ୍, ଯେଉଁଠି ନେତାଜୀ ବସି ପାଠ ପଢୁଥିଲେ । ବ୍ୟବହାର କରୁଥିବା ଜ୍ୟାମିତିବକ୍ସ, ଦୁଆତ, ପ୍ଲାଷ୍ଟିନମ କଲମ, ଚେୟାର, ଟେବୁଲ, ବହିଥାକ ଓ କଣ୍ଢେଇ ଆଦି ରହିଛି । ତା' ସହିତ ନେତାଜୀଙ୍କ ପାରିବାରିକ ଫଟୋ ମଧ ରହିଛି । ଦ୍ୱିତୀୟ ଗ୍ୟାଲେରିରେ ନେତାଜୀଙ୍କ ବାଲ୍ୟ ଜୀବନ ସମ୍ବନ୍ଧରେ ଅନେକ ଫଟୋ ରହିଛି । ତତ୍କାଳୀନ ପ୍ରଧାନ ଶିକ୍ଷକ ବେଣୀମାଧବ ଦାସ ଓ ନାରାୟଣ ମହାନ୍ତିଙ୍କ ଫଟୋ ସହିତ ସ୍କୁଲର ଫଟୋ ମଧ୍ୟ ରହିଛି । ୩ୟ ଗ୍ୟାଲେରିରେ ନେତାଜୀଙ୍କ ବିଭିନ୍ନ କାରାଗାରରେ କଟାଇଥିବା ସମୟର ଚିଠିସବୁ ରହିଛି । ଚତୁର୍ଥ ଗ୍ୟାଲେରିରେ ନେତାଜୀଙ୍କ ରାଜନୈତିକ ଜୀବନୀ ସମ୍ପର୍କରେ ଓ କେତେଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ତାଙ୍କର ବାର୍ତ୍ତାଳାପକୁ ନେଇ ଫଟୋ ରହିଛି । ୫ମ ଗ୍ୟାଲେରିରେ ନ୍ୟାଶନାଲ ବ୍ୟାଙ୍କ ଅଫ୍ ଆଜାଦ୍ ଲିମିଟେଡର ପ୍ରତିକୃତି ଓ ତଥ୍ୟ ସ୍ଥାନ ପାଇଛି । ଏହି ବ୍ୟାଙ୍କଟି ଆଜାଦ୍ ହିନ୍ଦ୍ ସରକାରଙ୍କ ବିଭିନ୍ନ କାର୍ଯ୍ୟ ପାଇଁ ନେତାଜୀଙ୍କ ଦ୍ୱାରା କରାଯାଇଥିଲା । ଷଷ୍ଠ ଗ୍ୟାଲେରିରେ ଆଜାଦ ହିନ୍ଦ୍ ଫୌଜ ( ଆଇଏନ୍ଏସ୍ ) ଓ ଅସ୍ଥାୟୀ ଆଜାଦ୍ ହିନ୍ଦ୍ ସରକାରଙ୍କ ସମ୍ବନ୍ଧୀୟ କିଛି ଫଟୋ ରହିଛି । ସପ୍ତମ ଗ୍ୟାଲେରିରେ ଆଜାଦ ହିନ୍ଦ୍ ଫୌଜ ଦ୍ୱାରା ବ୍ୟବହୃତ ପୋଷାକ ପତ୍ର ତଥା କ୍ୟାଡରଙ୍କ ଦ୍ୱାରା ବ୍ୟବହୃତ ଖଣ୍ଡା ସ୍ଥାନ ପାଇଛି । ଆଇଏନ୍ଏସ୍‌ରେ ନେତାଜୀଙ୍କର ବିଭିନ୍ନ କାର୍ଯ୍ୟକଳାପ ସମ୍ବନ୍ଧୀୟ ଫଟୋ ରହିଛି । ଏଥି ସହିତ ନେତାଜୀଙ୍କ ପ୍ରଚଳିତ ଡାକ ଟିକେଟ ଓ କ୍ୟାଡରଙ୍କ ବ୍ୟାଚ ଆଦି ଏଠି ରହିଛି । ୮ମ ଗ୍ୟାଲେରିରେ ନେତାଜୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ହିନ୍ଦ୍ ରେଡିଓକୁ ଦର୍ଶାଯାଇଛି । ୯ମଟିରେ ହେଉଛି ତାଙ୍କ ପ୍ରକୋଷ୍ଠ । ଏହି ପ୍ରକୋଷ୍ଠରେ ନେତାଜୀଙ୍କ ବ୍ୟବହୃତ ଖଟ, ଜନ୍ମ ଜାତକ, ସହିତ ତାଙ୍କ ବାପାଙ୍କ ଫଟୋ ସ୍ଥାନ ଦିଆଯାଇଛି । ୧୦ମ ପ୍ରକୋଷ୍ଠରେ ନେତାଜୀଙ୍କ ଆଧ୍ୟାତ୍ମିକ ଜୀବନୀ ସମ୍ବନ୍ଧରେ ଅନେକ ତଥ୍ୟ ରହିଛି । ଆଧାତ୍ମିକ ଗୁରୁ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ ଓ ପ୍ରତ୍ୟକ୍ଷ ଗୁରୁ ଶ୍ରୀରାମ ଦାସବାବାଜି ମହାରାଜଙ୍କ ଫଟୋଚିତ୍ର ସ୍ଥାନ ପାଇଛି । ଏକାଦଶ ଗ୍ୟାଲେରିରେ ନେତାଜୀଙ୍କ ଓ ତାଙ୍କ ପରିବାର ସଦସ୍ୟଙ୍କ ବିଭିନ୍ନ ଫଟୋ, ନେତାଜୀଙ୍କ ବ୍ୟବହାର କରୁଥିବା ଖଟ, ଶ୍ରୀମଦ୍ଭଗବଦ୍ ଗୀତା, ତୁଳସୀମାଳି ଓ କିଛି ପୂଜା ସାମଗ୍ରୀ ରହିଛି । ଦ୍ୱାଦଶ ଗ୍ୟାଲେରିରେ– ନେତାଜୀଙ୍କ ଘରୋଇ ଉପକରଣ ସହିତ ହାତଲେଖା ଚିଠି ରହିଛି । ଏହି ସଂଗ୍ରହାଳୟରେ ଏକ ପାଠାଗାର ରହିଛି ଯେଉଁଠି ନେତାଜୀ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ପର୍କିତ ପ୍ରାୟ ୫୦୦ ପୁସ୍ତକ ରହିଛି । ସଂଗ୍ରହାଳୟ ପରିସରରେ ଏକ ଘୋଡ଼ାଶାଳ, ଫାଇବରରେ ଘୋଡ଼ା ପ୍ରତିକୃତି ରହିଛି । ଏକ କନଫରେନ୍ସ ହଲ୍ ଓ ମଲ୍ଟିମିଡିଆ ରୁମ୍ ରହିଛି । ଏଠାରେ ନେତାଜୀଙ୍କ ଜୀବନୀ ସମ୍ପର୍କରେ ପ୍ରାୟ ୪୫ମିନିଟ୍‌ର ଏକ ଡକ୍ୟୁମେଣ୍ଟାରି ସିନେମା ଦେଖିପାରିବେ । ଏହା ପରେ ନେତାଜୀଙ୍କ ଉଦ୍ୟାନ । ଜାନକୀନାଥ ବୋଷଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଦୁର୍ଗାମନ୍ଦିର ରହିଛି । ଏହା ବ୍ୟତୀତ ପୁରୀରେ ମଧ୍ୟ ୨୦୧୯ରେ ସର୍ବସାଧାରଣଙ୍କ ନିମନ୍ତେ ନେତାଜୀଙ୍କ ନାମରେ ଏକ ସଂଗ୍ରହାଳୟ ରହିଛି ।

– **ବନବିହାରୀ ବେହେରା**

**କୈଳାସ ପଟ୍ଟନାୟକ, ଜଗନ୍ନାଥ ଧଳ, କାର୍ତ୍ତିକ ସାହୁ**





# ନେତାଜୀଙ୍କ ଜୀବନ ପୃଷ୍ଠାର ଦୁଇଟି ଫର୍ଦ୍ଦ

-ପ୍ରଦୀପ କୁମାର ରାୟ

## ରେଭେନ୍ସା କଲେଜିଏଟ ସ୍କୁଲ ଓ ନେତାଜୀ

### ଫର୍ଦ୍ଦ :: ୧

ରେଭେନ୍ସା କଲେଜିଏଟ ସ୍କୁଲ । ଦିନକର କଥା... । କ୍ଲାସ ସେଭେନ ବା ସ୍କୁଲର ଚାରି ନମ୍ବର କୋଠରି । ଶ୍ରେଣୀ ଭିତରେ ସଂସ୍କୃତ ଶିକ୍ଷକ ବିଶ୍ୱନାଥ କାବ୍ୟତୀର୍ଥ ପଢ଼ାଉଛନ୍ତି । ଠିକ୍ ସେତେବେଳେ ସ୍କୁଲର ପ୍ରଧାନଶିକ୍ଷକ ବେଣୀମାଧବ ଦାଶ ଜଣେ ନୂଆ ପିଲାକୁ ସାଥିରେ ନେଇ ସେହି କ୍ଲାସକୁ ଆସି କହିଲେ, ''ଏହି ପିଲାଟି ଆଜି ଏହି କ୍ଲାସ୍‌ରେ ନାମ ଲେଖାଇଛି ।'' ନୂଆ ପିଲାଟିକୁ ସେହି କ୍ଲାସ୍‌ରେ ପହଞ୍ଚାଇ ଦେଇ ପ୍ରଧାନଶିକ୍ଷକ ଫେରିଗଲେ ।

ପିଲାଟି ପ୍ରଥମ ବେଞ୍ଚରେ ଖୁବ୍ ଶାନ୍ତ ଭାବରେ ବସିଲା ।

ସଂସ୍କୃତ ପଣ୍ଡିତ କାବ୍ୟତୀର୍ଥ ମହାଶୟ ଚଷମା ଫାଙ୍କରୁ ପିଲାଟିକୁ ଚାହିଁ ପଚାରିଲେ ତୁମର ନାମ କ'ଣ ?

ନୂଆ ପିଲାଟି ଛିଡ଼ା ହୋଇ କହିଲା ଶ୍ରୀ ସୁଭାଷ ଚନ୍ଦ୍ର ବସୁ(ବୋଷ) ।

ଏହା ପୂର୍ବରୁ କେଉଁ ସ୍କୁଲରେ ପଢୁଥିଲ ?

ପ୍ରୋଟେଷ୍ଟାଣ୍ଡ ୟୁରୋପିଆନ ସ୍କୁଲରେ ।

କ'ଣ କ'ଣ ପଢ଼ାଯାଉଥିଲା ସେଠାରେ ?

ଲାଟିନ, ଇଂଲିଶ, ହିଷ୍ଟ୍ରି, ଜିଓଗ୍ରାଫି ଓ ଏରିଥୋମେଟିକ ।

ନୂଆ ପିଲାଟିର ଇଂଲିଶ ଉଚ୍ଚାରଣ ଶୁଣି ଅନ୍ୟ ଛାତ୍ରମାନେ ହତଚକିତ ।

ଶିକ୍ଷକ କାବ୍ୟତୀର୍ଥ ମଧ ଟିକେ ବିରକ୍ତ- ରାଗିଯାଇ ପ୍ରଶ୍ନ କଲେ, ସଂସ୍କୃତ ଜାଣିଛ ? ଶବ୍ଦରୂପ ? ନରଃ ନରୌ ନରାଃ ? ଆରେ ଆଁ କରି ଚାହିଁ ରହିଛ କ'ଣ ! ଗୌ ଗାବୌ ଗାବଃ – ଜାଣିଛ ?

ମୁହଁ ତଳକୁ କରି ପିଲାଟି କହିଲା – ନା, ଜାଣି ନାହିଁ ।

ଧାତୁରୂପ ? ଗଛତି ଗଛତଃ ଗଛନ୍ତି – ଜାଣିଛ ? କାବ୍ୟତୀର୍ଥ ପାଟିକରି ଉଠିଲେ । କିଛି ଜାଣି ନାହିଁ – ସଂସ୍କୃତ ପଢ଼ାଯାଉ ନ ଥିଲା । ସେମିତି ମୁହଁ ତଳକୁ କରି କହିଲା । ଶ୍ରେଣୀର ଅନ୍ୟ ସବୁ ପିଲାମାନେ ହୋ ହୋ କରି ହସି ଉଠିଲେ । ଶିକ୍ଷକ କାବ୍ୟତୀର୍ଥ ସେମାନଙ୍କୁ ଚୁପ୍ କରାଇ ପୁଣି ପ୍ରଶ୍ନ କଲେ, ଆଉ ବଙ୍ଗଳା ? ବଙ୍ଗଳା ବି ସେହି ସ୍କୁଲରେ ପଢ଼ାଯାଉ ନ ଥିଲା । କ'ଣ କହୁଛ ତୁମେ । ତୁମର ମାତୃଭାଷା ବି ତୁମକୁ ପଢ଼ାଯାଉ ନ ଥିଲା !

ନା , ସେଥିପାଇଁ ତ ସେହି ସ୍କୁଲ ଛାଡି ଏଠାରେ ନାମ ଲେଖାଇଛି ।

ଗୋଟିଏ ଦୀର୍ଘଶ୍ୱାସ ଛାଡି ଶିକ୍ଷକ କାବ୍ୟତୀର୍ଥ କହିଲେ, ଭାବୁଛି, କି ଦଶା ହେବ ତୁମର । ଦୁଇ ଚାରିଦିନ ଭିତରେ ଶିଖିଯିବି ! ଖୁବ୍ ଶାନ୍ତ ଭାବରେ କହିଲା ପିଲାଟି । ପୁଣି ହୋ ହୋ କରି ହସିଉଠିଲେ ଅନ୍ୟ ଛାତ୍ରମାନେ । ଯାହାର ବଙ୍ଗଳା କି ସଂସ୍କୃତରେ ଅକ୍ଷର ଜ୍ଞାନ ସୁଦ୍ଧା ନାହିଁ ସେ କୁଆଡ଼େ ଦୁଇ ଚାରିଦିନରେ ଦିଗ୍‌ଗଜ ହେବ ! ଅସମ୍ଭବ ରାଗିଯାଇ ଶିକ୍ଷକ କାବ୍ୟତୀର୍ଥ ବିଦ୍ରୂପ କରି କହିଲେ – ଆଁ.... ଦୁଇ ଚାରିଦିନରେ ଶିଖିଯିବ ! କ'ଣ ଦରକାର ଥିଲା ଏହି ସ୍କୁଲରେ ନାମ ଲେଖାଇବାର । ସାହେବ ସ୍କୁଲରେ ସାହେବ ହୋଇ ତ ରହି ପାରିଥାନ୍ତ ।

ପୁଣି ସେମିତି ଶାନ୍ତ ଅଥଚ ଦୃଢ଼ କଣ୍ଠରେ ପିଲାଟି କହିଲା ବିଶ୍ୱାସ କରନ୍ତୁ ସାର୍ , ଦୁଇ ଚାରିଦିନ ଭିତରେ ନିଶ୍ଚୟ ଶିଖିଯିବି ।

ଏହି ଅସମ୍ଭବକୁ ବିଶ୍ୱାସ କରିବା କାହାରି ପକ୍ଷରେ ସମ୍ଭବ ନୁହେଁ । ଶିକ୍ଷକ କାବ୍ୟତୀର୍ଥ ମହାଶୟ କେମିତି ବା ବିଶ୍ୱାସ କରିବେ ! ବରଂ ଆହୁରି ଅଧିକ ରାଗିଯାଇ କହିଲେ ଛେନାଗୁଡ଼ ଶିଖିବ, ତୁମ ଦ୍ୱାରା କିଛି ହେବ ନାହିଁ... ପାଠଶାଠ କିଛି ହେବନାହିଁ ।

କିଛିଦିନ ପରେ ରେଭେନ୍ସା କଲେଜିଏଟ ସ୍କୁଲର ପ୍ରଧାନଶିକ୍ଷକ ବେଣୀମାଧବ ଦାଶ ସ୍କୁଲର ବାରଣ୍ଡାରେ ବୁଲି ବୁଲି ତଦାରଖ କରନ୍ତି, ଏହା ତାଙ୍କର ପ୍ରତିଦିନର ଅଭ୍ୟାସ । ଦିନେ ଏମିତି ବୁଲାବୁଲି କରୁଥିବା ସମୟରେ ଜଣେ ଛାତ୍ରକୁ ଡାକିଲେ – ଚାରୁ , ଟିକେ ଶୁଣ ।

ଛାତ୍ରଟିର ନାମ ଚାରୁଚନ୍ଦ୍ର ଗଙ୍ଗୋପାଧ୍ୟାୟ । ସ୍କୁଲର ଇଂଲିଶ ଶିକ୍ଷକ ଗୋପାଳଚନ୍ଦ୍ର ଗଙ୍ଗୋପାଧ୍ୟାୟଙ୍କ ପୁତ୍ର । ଚାରୁ ଆସି ଛିଡ଼ା ହେଲା ।

ତୁମ କ୍ଲାସକୁ ଜଣେ ନୂତନ ଛାତ୍ର ଆସିଛି, ଆଳାପ ହୋଇଛି ?

ହଁ, ସାର୍ ସୁଭାଷ ... ସୁଭାଷ ଚନ୍ଦ୍ର ବୋଷ । ଖାଣ୍ଟି ପିଲା ।


ହଁ, ସାର୍, ଇଂଲିଶରେ ଖୁବ୍ ଷ୍ଟ୍ରଙ୍ଗ ।

ତୁମେ ତ କ୍ଲାସ୍‌ରେ ପ୍ରଥମ ହୁଅ, ତା'ପରେ ଟିକେ ହସି କହିଲେ, ତୁମର ଏଥର ଜଣେ ପ୍ରତିଦ୍ୱନ୍ଦ୍ୱୀ ଆସି ପହଞ୍ଚି ଯାଇଛି ।

କିନ୍ତୁ ସାର୍, ସେ ତ ସଂସ୍କୃତ କିଛି ବି ଜାଣେ ନାହିଁ । ଆଉ ମାତୃଭାଷାରେ ବି ଖୁବ୍ ଦୁର୍ବଳ ।

ବେଣୀମାଧବ ମହାଶୟ ଏଥର ଟିକିଏ ଆନମନା ହୋଇଗଲେ । ଆକାଶ ଆଡ଼କୁ ଚାହିଁ ଧୀରେ ଧୀରେ କହିଲେ, ଶିଖିଯିବ ; ତା'ର ବୁଦ୍ଧି ଓ ମେଧା ଯେମିତି ନିଶ୍ଚୟ ଅଳ୍ପ ଦିନରେ ଶିଖିଯିବ । ତା' ଭିତରେ ସ୍ଥିର ଶିଖିବାର ସଙ୍କଳ୍ପର ନିଆଁ ଜଳୁଛି ।

ବାର୍ଷିକ ପରୀକ୍ଷାଫଳ ଘୋଷଣା ଦିନ ବାରଣ୍ଡାରେ ପ୍ରଧାନ ଶିକ୍ଷକ ବେଣୀମାଧବ ଦାଶ ଚାରୁକୁ ଦେଖି ଡାକିଲେ ! ଏଥର ବାର୍ଷିକ ପରୀକ୍ଷାରେ ତୁମ କ୍ଲାସ୍‌ରେ କିଏ ଫାଷ୍ଟ ହେଲା ? ସୁଭାଷ, ସାର୍ । କ'ଣ କହୁଛ !



ସଂସ୍କୃତରେ କେତେ ପାଇଛି ? ଶହେରୁ ଶହେ ସାର୍ । କ'ଣ କହୁଛ ତୁମେ ! ବେଣୀମାଧବ ମହାଶୟ ଯେତିକି ବିସ୍ମିତ ନୁହନ୍ତି , ତା'ଅପେକ୍ଷା ଅଧିକ ଗର୍ବିତ ! କହିଲେ, ଶହେରୁ ଶହେ ! ଆଉ ତୁମେ ? ଚାରୁ ହସି କହିଲା – ଅନେଶତ । ଠିକ୍ ସେତେବେଳେ ସଂସ୍କୃତ ଶିକ୍ଷକ କାବ୍ୟତୀର୍ଥ ମହାଶୟଙ୍କୁ ଦେଖିପାରି ପ୍ରଧାନ ଶିକ୍ଷକ ଡାକିଲେ । ବିଶ୍ୱନାଥ କାବ୍ୟତୀର୍ଥ ପାଖରେ ଆସି ଛିଡ଼ାହେଲେ । ପ୍ରଧାନ ଶିକ୍ଷକ ପଚାରିଲେ, ସୁଭାଷକୁ ସଂସ୍କୃତରେ ଶହେରୁ ଶହେ ଦେଇଦେଲେ ! କାବ୍ୟତୀର୍ଥ ମହାଶୟ ଗୋଟିଏ ଦୀର୍ଘଶ୍ୱାସ ଛାଡି କହିଲେ, କ'ଣ ଆଉ କରିବି କୁହନ୍ତୁ ତ ସାର୍ ; ଶହେରୁ ତ ଆଉ ଶହେ ଦଶ ଦେଇ ହେବନାହିଁ । ସୁଭାଷ ଚନ୍ଦ୍ର ବୋଷଙ୍କ ଛାତ୍ର ଜୀବନର ଏହି ଘଟଣା ଅଚିନ୍ତ୍ୟ କୁମାର ସେନଗୁପ୍ତଙ୍କ ରଚିତ 'ଉଦ୍ୟତ ଖଡ୍ଗ ସୁଭାଷ ' ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ।

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଏମିଲି

### ଫର୍ଦ୍ଦ :: ୨

ପ୍ରେମ ଏକ ଖୁବ ଛୋଟିଆ ଶବ୍ଦ ହେଲେ ମଧ୍ୟ ତାହାର ଗଭୀରତା କୌଣସି ବାଧା ମାନେ ନାହିଁ । ଗୋଟିଏ ହୃଦୟ ସହିତ ଅନ୍ୟ ଏକ ହୃଦୟର ମିଳନରେ କୌଣସି ନଥିପତ୍ରର ପ୍ରୟୋଜନ ମଧ୍ୟ ହୁଏ ନାହିଁ । ଜାତି, ବର୍ଣ୍ଣ, ଦେଶର ଭେଦାଭେଦ ସବୁକିଛି ଅତିକ୍ରମ କରି ଯାହା ରହିଯାଏ ତାହା କେବଳ ପ୍ରେମ । ଏମିଲି ଜାଣିଥିଲେ ଯେ, ତାଙ୍କର ପ୍ରେମ ଅନ୍ୟ ପାଞ୍ଚୋଟି ପ୍ରେମ ପରି ସାଧାରଣ ପ୍ରେମ ନୁହେଁ । ତାଙ୍କର ପ୍ରେମିକ ପୁରୁଷ ଜଣକ ଗୋଟିଏ ଦେଶର ନାୟକ, ନିଆଁର ଗୋଲକ, ଭାରତମାତାଙ୍କର ଜଣେ ବିପ୍ଳବୀ ପୁତ୍ର, ଯାହାଙ୍କର ବୁଟ ଶବ୍ଦ ଇଂରେଜ ସାମ୍ରାଜ୍ୟ ଓଲଟ ପାଲଟ କରିଦେବାରେ ସକ୍ଷମ ।

କିନ୍ତୁ ପ୍ରେମ ଆସିଲେ ଆଗ୍ନେୟଗିରିର ଲାଭା ମଧ୍ୟ ନଦୀରେ ଆସି ମିଶିଯାଏ । ବିଦ୍ରୋହ ଯେତେବେଳେ କ୍ଲାନ୍ତ ହୋଇଯାଏ ପ୍ରେମ ସେତେବେଳେ ଶାନ୍ତିର ଶୀତଳ ଛାୟା ପ୍ରଦାନ କରିଥାଏ ।

ଅଷ୍ଟ୍ରିଆର ଗୋଟିଏ ରକ୍ଷଣଶୀଳ ପରିବାରର କନ୍ୟା ଏମିଲି, ପରିବାର ପକ୍ଷରୁ ତାଙ୍କୁ ନନ୍ ( ସନ୍ନ୍ୟାସିନୀ) ହେବା ପାଇଁ ପ୍ରବଳ ଚାପ ଦିଆଯାଉଥାଏ, ଠିକ ସେତିକିବେଳେ ଏମିଲିଙ୍କର ସାକ୍ଷାତ ହୁଏ ସୁଭାଷଙ୍କ ସହିତ । ସୁଭାଷ ତାଙ୍କର ପ୍ରଥମ ପୁସ୍ତକ '' ଦ ଇଣ୍ଡିଆନ ଷ୍ଟ୍ରଗଲ'' ଲେଖିବା ସମୟରେ ଏମିଲି ଥିଲେ ତାଙ୍କର ସେକ୍ରେଟାରୀ ।

ମନ ତ ଭୀଷଣ ଲଗାମ ଛଡ଼ା, କୁଆଡେ ଯାଇ ନିଜକୁ ସମର୍ପଣ କରିଦିଏ କେହି ଜାଣି ପାରନ୍ତି ନାହିଁ । ସେହିପରି ୨୫ ବର୍ଷ ବୟସ୍କା ସୁନ୍ଦରୀ ତଥା ବୁଦ୍ଧିମତୀ ଏମିଲି ମଧ୍ୟ ଜାଣି ପାରି ନ ଥିଲେ ୩୭ ବର୍ଷ ବୟସ୍କ ସୁଭାଷଙ୍କୁ ଦେଖିବା ପରେ ତାଙ୍କ ଭିତରେ କେମିତି ପ୍ରେମ ଜନ୍ମ ନେଇଥିଲା ।

ଏମିଲିଙ୍କର ପ୍ରେମକୁ ସମ୍ମାନ ଦେଇଥିଲେ, ବିବାହ କରି ସ୍ତ୍ରୀର ମର୍ଯ୍ୟାଦା ଦେଇଥିଲେ ଭାରତର ସ୍ୱାଧୀନତା ଆନ୍ଦୋଳନର ମହାନାୟକ ସୁଭାଷ ଚନ୍ଦ୍ର ବୋଷ । ଉଭୟଙ୍କର ପ୍ରେମର ପ୍ରତୀକ କନ୍ୟା ଅନୀତାକୁ ନେଇ ମାତ୍ର ତିନିବର୍ଷ ଥିଲା ସେମାନଙ୍କର ସୁଖର ସଂସାର । ସୁଭାଷ ଯେ ଦେଶମାତୃକା ପାଖରେ ଶପଥ କରିଥିଲେ, ତେଣୁ ତାଙ୍କ ପାଇଁ ସୁଖର ସଂସାର ଥିଲା କଣ୍ଟା ସଦୃଶ । ପରିବାର ଛାଡ଼ି ୧୯୪୩ ମସିହାରେ ସୁଭାଷ ଜାପାନ ଉଦ୍ଦେଶ୍ୟରେ ଯାତ୍ରା କରନ୍ତି ଆଉ ସେହି ସମୟଟି ଥିଲା ଏମିଲି ଓ କନ୍ୟା ଅନୀତା ସହିତ ସୁଭାଷଙ୍କର ଶେଷ ଦେଖା । ଏମିଲି କେବେ ଭାରତକୁ ଆସି ନାହାନ୍ତି, ପ୍ରଚାରକୁ ମଧ୍ୟ ଆସି ନାହାନ୍ତି, କାରଣ ସେ ଏମିତି ଜଣେ ମଣିଷଙ୍କୁ ଭଲ ପାଇଥିଲେ ଯିଏ ଥିଲେ ସମସ୍ତ ପ୍ରଚାରର ଊର୍ଦ୍ଧ୍ୱରେ । ପ୍ରେମ ପ୍ରଚାର କରିବାର ବିଷୟ ନୁହେଁ, ବିଜ୍ଞାପିତ କରିବାର ବିଷୟ ମଧ୍ୟ ନୁହେଁ । ଯେଉଁ ଅଳ୍ପ ସମୟ ଟିକକ ସେ କଟାଇଥିଲେ ତାଙ୍କ ଜୀବନର ନାୟକଙ୍କ ସାଥିରେ, ସେହି ମୁହୂର୍ତ୍ତଗୁଡିକୁ ହିଁ ସେ ନିଜ ହୃଦୟରେ ରଖିଥିଲେ ସନ୍ତର୍ପଣରେ ଚିରକାଳ ।

ହୁଏତ ସୁଭାଷ ତାଙ୍କୁ ଯେ, ସ୍ତ୍ରୀର ମର୍ଯ୍ୟାଦା ଦେଇଥିଲେ ସେତକ ହିଁ ଥିଲା ତାଙ୍କ ଜୀବନର ସର୍ବଶ୍ରେଷ୍ଠ ପ୍ରାପ୍ତି । ଏମିଲି ଜାଣିଥିଲେ ଯେ, ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ତାଙ୍କର ସ୍ୱାମୀ ତଥା ତାଙ୍କ ପ୍ରେମିକ ପୁରୁଷଙ୍କର ନାମ ଚିରକାଳ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଏମିଲି ପୃଥିବୀକୁ ଜଣାଇ ଦେଇଥିଲେ ଯେ, ପ୍ରେମ ପ୍ରଚାରର ବିଷୟ ନୁହେଁ,



ବିଜ୍ଞାପନର ବିଷୟ ମଧ୍ୟ ନୁହେଁ, ପ୍ରେମ କେବଳ କିଛି ସୁନ୍ଦର ମୁହୂର୍ତ୍ତ । ପ୍ରେମ ଶ୍ରଦ୍ଧା, ପ୍ରେମ ଅହଙ୍କାର ।

-ଭୁବନେଶ୍ୱର, ମୋ: ୯୪୩୭୫୩୪୭୭୩











# ନିଆରା ଟୋଷ୍ଟର୍


**ଆଜିକାର ସୁପର୍ ଫାଷ୍ଟ ଯୁଗରେ ଫଟାଫଟ୍ ବ୍ରେକଫାଷ୍ଟ ପାଇଁ ଟୋଷ୍ଟର୍ ଭାରି ଜରୁରୀ । ଚା' ଅବା କଫି ସହ ଟୋଷ୍ଟ ଖାଇ ଫଟାଫଟ୍ ଅଫିସ ବାହାରି ହୁଏ । ତେବେ ଏଇ ଟୋଷ୍ଟର୍ ଯଦି କିଛି ଖାସ୍ ହୁଏ ତେବେ ସକାଳ ବି ହୋଇଯିବ ଖାସ୍ । ଏଇ ଯେମିତି ଏଇସବୁ ନିଆରା ଟୋଷ୍ଟର୍..**

**ନୋଟ୍‌ପ୍ୟାଡ ଟୋଷ୍ଟର୍:** ଯଦି ରାତିରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଝଗଡ଼ା ହେଇଛି । ଆଉ ସକାଳୁ ସକାଳୁ ନିଜ ସାଥୀକୁ ମନାଇବାକୁ ଚାହୁଁଛନ୍ତି ତେବେ ଏଇ ଟୋଷ୍ଟର୍‌ର ସାହାଯ୍ୟ ନେଇପାରିବେ । ଏହି ଟୋଷ୍ଟର୍ ଟେଷ୍ଟି ଟୋଷ୍ଟ ତ ପ୍ରସ୍ତୁତ କରେ । ତା'ସହ ଏହା ସାହାଯ୍ୟରେ ଟୋଷ୍ଟ ଉପରେ ପ୍ରେମଭରା ମେସେଜ୍ ବି ଛପିଥାଏ । ତେବେ ଲେଖାଗୁଡ଼ିକ କାଳିରେ ନୁହେଁ ବରଂ ଟୋଷ୍ଟର୍‌ରେ ଟୋଷ୍ଟ ହୋଇ ବାହାରିଥାଏ । ମନର ଭାବକୁ ଟୋଷ୍ଟ ମାଧ୍ୟମରେ ପ୍ରକାଶ କରି ରାଗ ରୁଷା ଦୂର କରିବାର ସୁଯୋଗ ଦେଇଥାଏ ସାଶା ତିସାଙ୍ଗଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଏହି ଟୋଷ୍ଟର ।

**ହେଲୋ କିଟି ଟୋଷ୍ଟର୍:** ସବୁଦିନ ପ୍ଲେନ୍ ଟୋଷ୍ଟ ଖାଇ ଖାଇ ବୋର୍ ହେଉଛନ୍ତି କି ? ତେବେ ଘରକୁ ଆଣନ୍ତୁ ଏହି ହେଲୋ କିଟି ଟୋଷ୍ଟର୍ । ଏଥିରେ ବ୍ରେଡ୍‌କୁ ଟୋଷ୍ଟ କଲେ ବ୍ରେଡ୍ ଉପରେ ହେଲୋ କିଟିର ଛବି ଆସିଥାଏ । ଫଳରେ ପ୍ରତି ବ୍ରେଡ୍ ସ୍ଲାଇସ୍ ଉପରେ କ୍ୟୁଟ୍ ହେଲୋ କିଟି ଛବି ଦେଖିବାକୁ ମିଳିବ । ଫଳରେ ଖାଇବା ଆଉ ବୋରିଂ ଲାଗିବ ନାହିଁ । ପିଙ୍କ୍, ହ୍ୱାଇଟ୍ ରଙ୍ଗର ଓ ହେଲୋ କିଟି ଡିଜାଇନ୍‌ର ଏହି ଟୋଷ୍ଟର୍‌ଟି ଦେଖିବାକୁ ବି ଖୁବ୍ କ୍ୟୁଟ୍ । କହିବାକୁ ଗଲେ ଏହାର ଲୁକ୍ ଗର୍ଲି । ତେଣୁ ଏହାକୁ ଝିଅମାନଙ୍କୁ ଗିଫ୍ଟ ଦେଇପାରିବେ ।

**କାଟାପୁଲ୍ଟ ଟୋଷ୍ଟର୍:** କାଟାପୁଲ୍ଟ ବା ବାଟୁଳି ଦେଖିଥିବେ । ଆଉ ଜାଣିଥିବେ ଯେ, ଏଥିରେ ଗୋଡ଼ିଟିଏ ରଖି ନିର୍ଦ୍ଦିଷ୍ଟ ସ୍ଥାନକୁ ଲକ୍ଷ୍ୟ କରି ଦୂରକୁ ଛାଡିଲେ ଗୋଡିଟି ଲକ୍ଷ୍ୟସ୍ଥଳରେ ଯାଇ ବାଜେ । ତେବେ ଏହି ଟୋଷ୍ଟର୍‌ଟିର ନାମ ଭଲା ଏଭଳି କାହିଁକି ରଖାଯାଇଛି ଭାବୁଥିବେ । କଥା କ'ଣ କି ଏହି ଟୋଷ୍ଟର୍‌ଟି ଏକ କାଟାପୁଲ୍ଟ ସଦୃଶ । ଏଥିରେ ବ୍ରେଡ ଟୋଷ୍ଟ ହେବାପରେ ଛିଟ୍‌କି ଯାଇ ଦୂରରେ ଓ ଠିକ୍ ଆଙ୍ଗେଲରେ ଥିବା ପ୍ଲେଟ୍‌ରେ ଯାଇ ପଡ଼ିବ । ତେବେ ପ୍ଲେଟ୍‌କୁ ଠିକ୍ ସ୍ଥାନରେ ରଖିବା ଜରୁରୀ । ନଚେତ ଟୋଷ୍ଟ ତଳେ ପଡ଼ିଯିବାର ଆଶଙ୍କା ଥାଏ । ଏହି ଅଜବ ଟୋଷ୍ଟର୍‌କୁ ନେଦରଲାଣ୍ଡର ଜଣେ ଡିଜାଇନର୍ ଡିଜାଇନ୍ କରିଛନ୍ତି ।





**ପପ୍ ଆର୍ଟ ଟୋଷ୍ଟର୍:** ପିଲାମାନଙ୍କୁ ପ୍ଲେନ୍ ଟୋଷ୍ଟ ଖାଇବାକୁ ଭାରି ବୋର୍ ଲାଗେ । ତେଣୁ ଖାଇବାରେ ବହୁତ ନଖରା କରନ୍ତି । ଏମିତିରେ ଏଇ ଟୋଷ୍ଟର୍ ଆଣିପାରିବେ । କାରଣ ଏହି ଟୋଷ୍ଟର୍‌ରେ ବ୍ରେଡ୍‌କୁ ଟୋଷ୍ଟ କଲେ, ବ୍ରେଡ୍ ଉପରେ ବିଭିନ୍ନ ପ୍ରକାରର ପପ୍ ଆର୍ଟ ଟୋଷ୍ଟ ହୋଇ ବାହାରିଥାଏ । ଟୋଷ୍ଟର୍‌ରେ ଛଅଟି ରିମୁଭେବଲ୍ ଆର୍ଟ ପ୍ଲେଟ୍ ଅଛି, ଯେଉଁଥିରେ ଡବଲ ହାର୍ଟ, ଲଭ୍ ୟୁ, ଫୁଲ, ସ୍ନୋଫ୍ଲେକ୍, ବର୍ଥ ଡେ' କେକ୍, ସ୍ମାଇଲି ଫେସ୍ ଆଦି ପ୍ୟାଟର୍ନ ଥାଏ । ଯେଉଁ ପ୍ୟାଟର୍ନର ପ୍ଲେଟ୍‌ରେ ବ୍ରେଡ୍ ରଖି ଟୋଷ୍ଟ କରିବେ ସେହି ପ୍ୟାଟର୍ନ ଟୋଷ୍ଟ ହୋଇ ବ୍ରେଡ ସ୍ଲାଇସ୍ ଉପରେ ଆସିଯାଏ ।

**ଟ୍ରାନ୍ସପରେଣ୍ଟ ଟୋଷ୍ଟର୍:** ଏହି ଟୋଷ୍ଟର୍‌ରେ ବ୍ରେଡ୍ ଟୋଷ୍ଟ ହେବାବେଳେ ବାହାରପଟୁ ସ୍ୱଷ୍ଟ ଦେଖାଯାଏ । ଫଳରେ ବ୍ରେଡ୍‌କୁ କେତେ ଟୋଷ୍ଟ କରିବେ ବାହାରୁ ଦେଖିପାରିବେ । ଟୋଷ୍ଟ ହେଇଗଲା କ୍ଷଣି ବନ୍ଦ କରିଦେଇ ପାରିବେ । ଫଳରେ ବ୍ରେଡ ଜଳିଯିବା କି ଭଲରେ ଟୋଷ୍ଟ ହେଇ ନ ଥିବାର ସମସ୍ୟା ରହିବ ନାହିଁ ।

**ରେଡିଓ ଟୋଷ୍ଟର୍:** ଏହି ଟୋଷ୍ଟର୍‌ଟି ଦେଖିବାକୁ ଛୋଟିଆ ରେଡିଓ ଭଳି । ସକାଳୁ ସକାଳୁ ରେଟ୍ରୋ ଷ୍ଟାଇଲ୍‌ର ଟୋଷ୍ଟର୍‌ରେ ତିଆରି ଟୋଷ୍ଟ ଖାଇବାର ମଜା ଅଲଗା ।



**ଟି'ପଟ୍ ଟୋଷ୍ଟର୍:** ସକାଳୁ ସକାଳୁ ଅନେକେ ଚା' ସହ ଟୋଷ୍ଟ ଖାଇବାକୁ ଭଲ ପାଆନ୍ତି । ଖାସ୍ ସେଇମାନେ ଏହି ଟୋଷ୍ଟର୍ ଆଣିପାରିବେ । କାରଣ ଟୋଷ୍ଟର୍‌ଟି ଦେଖିବାକୁ ସୁନ୍ଦର ଟି ପଟ୍ ଭଳି । ଚା' ଲଭର୍‌ଙ୍କୁ ଏହି ଟୋଷ୍ଟର୍ ଗିଫ୍ଟ ଆକାରରେ ଦେଇପାରିବେ ।



# ଭାଗ୍ୟ

–ରଶ୍ମିରଞ୍ଜନ ରାଉତ

ତାଙ୍କ କଥା ମଝିରେ କଥା କହି ହୁଏତ ମୁଁ ତାଙ୍କ ପାଟି ବନ୍ଦ କରିପାରିଥାଆନ୍ତି। କହି ଦେଇଥାଆନ୍ତି, ନିଜର ଭାଗ୍ୟକୁ ଅନିଶ୍ଚିତତାରେ ରଖି ଅନ୍ୟର ଭାଗ୍ୟ ଓ ଭବିଷ୍ୟତର କଥା କହୁଥିବା ଲୋକ ଜଣେ ଜଣେ ପ୍ରବଞ୍ଚକ। କିନ୍ତୁ ମୁଁ ସେମିତି କଲିନାହିଁ। ବରଂ ସେଇକ୍ଷଣି ଚୁପ ରହି ତାଙ୍କ ବିଷୟରେ ଅଧିକ ଜାଣିବାକୁ ଚେଷ୍ଟାକଲି। ସେମାନେ ଯେ ସମ୍ପର୍କୀୟ ହୋଇନଥିବେ ତାହା ମୁଁ ନିଶ୍ଚିତ ହୋଇସାରିଥିଲି। କାରଣ, କହୁଥିବା ଓ ଶୁଣୁଥିବା ଲୋକଙ୍କ ବୟସ ଓ ବେଶଭୂଷାରେ ବେଶ ଅନ୍ତର ଥିଲା।

ତା'ଛଡ଼ା ହାଟ ମଝିରେ ବ୍ରହ୍ମଜ୍ଞାନ ବାଣ୍ଟୁଥିବା ଲୋକଟା ଯେ କେଉଁ ଜ୍ୟୋତିଷ ବିଷାରଦ ମୋ ଚିହ୍ନିବାରେ ତିଳେ ମାତ୍ର ବିଳମ୍ବ ହେଇ ନ ଥିଲା। ଆଉ ଅତି ନିର୍ବୋଧ ଭାବେ ସାମ୍ନାବାଲାର ସବୁ ହଁରେ ହଁ ଭରି ଚୁପ୍‌ଚାପ ଶୁଣୁଥିବା ଝିଅଟି ଯେ କୌଣସି ଗମ୍ଭୀର ଅସୁବିଧାର ସାମ୍ନା କରୁଛି ମୁଁ ନିଶ୍ଚିତ ହେଇସାରିଥିଲି।

ଜ୍ୟୋତିଷ ଜଣଙ୍କ ଝିଅଟିର ବାଁ ହାତ ପାପୁଲିକୁ ତା ବାଁ ହାତରେ ଧରି ଓଲଟପାଲଟ କରି ନିରୀକ୍ଷଣ କରିବା ପରେ ଶେଷରେ ଯାହା କହିଲା, ସେଇକ୍ଷଣି ଗୋଟେ ସୁଦୃଶ୍ୟ କାଚଘରକୁ ଯେମିତି କେହିଜଣେ ଢେ଼ଲାଟେ ମାରି ଚୁନାଚୁନା କରିଦେଲା ପରି ସେ ଅନୁଭବ କଲା। ଝିଅଟାର ମୁହଁଟା ଗୋଟେ ଅଜବ ଆଶଙ୍କାରେ ପାଉଁଶିଆ ଦିଶିଲା। ଗୋଟେ ଅଦୃଶ୍ୟ ଭବିଷ୍ୟତର ଅଶୁଭ ଇଙ୍ଗିତରେ ଶୀତେଇ ଉଠିଲା ସେ।

– ତା'ର ବର୍ଷବର୍ଷର ପରିଶ୍ରମ ପାଣିରେ ମିଶିଯିବ.. ତା'ର ଭାଗ୍ୟରେ ସରକାରୀ ଚାକିରି ନାଇଁ। ଏକାବନ ଶହ ଟଙ୍କା ଦେଲେ ଯାଇ ଜ୍ୟୋତିଷ ରିଷ୍ଟ ଖଣ୍ଡନ ପାଇଁ ପୂଜାପାଠ କରି ଭାଗ୍ୟରେ ପରିବର୍ତ୍ତନ ଆଣିବେ।

ଏସବୁରେ ବିଶ୍ୱାସ କରୁନଥିବା ଝିଅଟି 'ସୁଅ ମୁହଁରେ ଭାସିଯାଉଥିବା ପତ୍ରଟିଏ ପରି' ଶେଷରେ ବିଶ୍ୱାସ କରିବାକୁ ବାଧହେଲା।

କ'ଣ କରିବ ଓ କ'ଣ ନକରିବାର ଅନିଶ୍ଚିତତା ଭିତରେ ଝିଅଟିର ହଳଦୀ ଗୁରୁଗୁରୁ ମୁହଁ ଉପରେ ହଠାତ ଯେମିତି କିଏ ଗୋଟେ ମେଞ୍ଚାଏ କାଳି ଢ଼ାଳିଦେଇଗଲା ପରି ମୋତେ ଲାଗିଲା। ଝିଅଟି କ୍ରମଶଃ ଚିନ୍ତିତ ହେଇଗଲା। ତା' ଆଖିପତା ଦିଟା ଚଳମଳ ହେବାକୁ ଲାଗିଲା। କିଛି ସମୟ ପରେ ନିଜର ଭାବାବେଗକୁ ସମ୍ଭାଳି ଝିଅଟି ପଚାରିଲା, ଜ୍ୟୋତିଷେ ହାତଟାକୁ ଆଉଟିକେ ଭଲକରି ଦେଖୁନାହାନ୍ତି।

ମୋ ସ୍ୱପ୍ନ କ'ଣ ଏମିତି ମିଳେଇ ଯିବ.. ?

ଘରେ ମୋର ରୋଗିଣା ମାଆ, ସାନ ଭାଇ ପାଠ ପଢୁଛି, ବାପା ଖରାତରାକୁ ଏକ୍ କରି ପରର ମୁଲ ଲାଗି ଯାହା ରୋଜଗାର କରୁଛନ୍ତି ମାଆର ଔଷଧକୁ ଅଣ୍ଟୁନି। 'ମୁଁ ଆଉ ପାରୁନି', ମୋ ଭାଗ୍ୟ କାଇଁ ଏମିତି ଦାଉ ସାଧୁଛି କହି ତା' ଆଖି କଣରେ ଜକେଇ ଆସିଥିବା ଲୁହକୁ ପୋଛୁଥିଲା। ହଠାତ ତା' ମୋବାଇଲ ଭାଇବ୍ରେଟ କରିଉଠିଲା। ଘରୁ ମାଆ କଲ କରିଛି। କଲ ରିସିଭ କରିବା ମାତ୍ରେ ସେପଟରୁ ମାଆ ଖୁସି ଗଦଗଦ ହେଇ କହିଲା ଝିଅ ତୋ'ର ଚାକିରି ହେଇଯାଇଛି, ଘରକୁ ଅଫର ଲେଟର୍ ଆସିଛି। ଝିଅଟି ଖୁସିହେବ କି ଲୁହ ଝରେଇବ କିଛି ଭାବିପାରୁନଥିଲା। ଏଥର ଜ୍ୟୋତିଷର ମୁହଁ କିନ୍ତୁ ସୁଖି ଯାଇଥିଲା।

*–୨୪ ପ୍ରହରୀ ମଣ୍ଡପ, ନାୟକାଣୀଡିହି, ଭଦ୍ରକ*
*ମୋ: ୭୮୦୯୦୩୭୬୦୮*

# ତିନିଟି ଏକପଦୀ

–ଡ.ଭରତ ଚନ୍ଦ୍ର ଦାଶ

ସ୍ମୃତି ତୁମେ ମୋର ପୌଷ ମାସ ଶୀତ
ଥରିଲା ଓଠର ହସ
ସ୍ମୃତି ତୁମେ ମୋର ହୃଦ ସରସିଜ
ପ୍ରଣୟ ସ୍ନିଗଧ ବାସ।

ଦୁଇ

ଦେଖିବାକୁ ରୂପ ପ୍ରୀତିର ସ୍ୱରୂପ
ନିଶୀଥ ମିଳନ ଆଶେ
ଶ୍ରୀତନୁରେ ତାର ପ୍ରଣୟ ନିର୍ଝର
କାମନାର ମଧୁ ରାସେ ।

ତିନି

ଗୋଲାପୀ ରଙ୍ଗର କୋମଳାଙ୍ଗୀ ତନୁ
ଅତନୁକୁ ନିନ୍ଦେ ଦେହ
ଶ୍ୱେତ ଲୋହିତର ଶୀତ ବାସ ଶୋଭା
ଅନଙ୍ଗ ଅନଳ ମୋହ ।

*–ମାର୍କୋଣା , ବାଲେଶ୍ୱର*
*ମୋ: ୮୯୮୪୪୩୯୧୬୬*

# ଚାଳିଶ ବର୍ଷ ପରେ...

– ନୃସିଂହ ତରାଇ

ତମେ ଆଜି ବି
ସେଇ ଛିଟ କନାର
ଫ୍ରକ୍ ପିନ୍ଧା ଝିଅ
ମୋ ସ୍ୱପ୍ନର ସରହଦରେ।

ପାଖରେ ଥାଇ ବି
ଖୁବ୍ ଦୂରରେ ଥିଲ ସେ ଦିନ
ଓ, ଦୂରରେ ବି ଅନୁଭବୁଚି ଆଜି
ଖୁବ୍ ନିକଟରେ ମୋର...।


ସେ ସମୟ
ସେ ସମ୍ମୋହନ
ସେ ଆପଣାପଣ ଆଉ ନାହିଁ
ଅଥଚ,ତମେ ଅଛ ଠିକ୍ ଏଇଠି ।

ଚାଳିଶ ବର୍ଷ ପରେ
ଆମେ ଆମ ଧୂଳି ଘର
ଓ ସ୍କୁଲ ପିଣ୍ଡାରେ ବସି
ଗଢୁଚେ ସ୍ମୃତି ପିଲାର ।

ଏବେ ଖୁବ ନ ହେଲେ ବି
ଭାଙ୍ଗି ପଡ଼ିଚ ଅନେକ।
ସଂସାର ଓ ଦେହକୁ ନେଇ
ଏତେ ବ୍ୟସ୍ତ ଯେ
ଭୁଲି ସାରିଚ ପିଲାଦିନ !

ଆସ, ଆଜି ଆଉଥରେ
ନୂଆ କରି ଗଢି ଦେବା
ନିଜ ନିଜ ପରିଚୟ
ଭିନ୍ନ ଏକ ଆନ୍ଦାଜ୍ ରେ,
ମିଶେଇ ଦେବା ମନ
ମନର ସାଙ୍ଗରେ
ଚାଳିଶ ବର୍ଷ ପରେ...।

*–ପୂର୍ବ ତଟ ରେଳପଥ, ଭୁବନେଶ୍ୱର*
*ମୋ: ୭୯୭୮୩୮୧୨୧୩*



# ହାତରେ ଥିଲା ମାତ୍ର ୫୦୦ ଟଙ୍କା

ଦିଶା ପଟାନି ଯେତେବେଳେ ମୁମ୍ବାଇ ଆସିଥିଲେ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା । ନିଜ ଭାଗ୍ୟକୁ ସାଥି କରି ମୁମ୍ବାଇ ଆସିଲାବେଳେ ତାଙ୍କ ପାଖରେ ଥିଲା ମାତ୍ର ୫୦୦ ଟଙ୍କା । ବାସ୍,ଏତିକି ଟଙ୍କାକୁ ହାତରେ ଧରି ସେ ସାହସର ସହ ଆଗକୁ ଆଗେଇଥିଲେ । ଅନେକ ସଂଘର୍ଷ ପରେ ତାଙ୍କୁ କେତୋଟି ବିଜ୍ଞାପନରେ କାମ କରିବାର ସୁଯୋଗ ମିଳିଲା । ସେଥିରୁ କିଛି ରୋଜଗାର କରିବା ପରେ ମୁମ୍ବାଇରେ ରହି ଆକ୍ଟିଂକୁ କ୍ୟାରିୟର କରିବାକୁ ଚାହିଁଲେ ଦିଶା । ୨୦୧୭ରେ ସେ ଚାଇନିଜ ଫିଲ୍ମ 'କୁଙ୍ଗ ଫୁ ଯୋଗା'ରେ ଅଭିନୟ କରିଥିଲେ, ଯେଉଁଥିରେ ଜ୍ୟାକି ଚୈନ୍ ଅଭିନୟ କରିଥିଲେ । ଏହି ଫିଲ୍ମର ଶୁଟିଂ ସମୟରେ ସେ ଦିଶାଙ୍କ ଫିଟ୍‌ନେସ୍‌କୁ ଭୂରି ଭୂରି ପ୍ରଶଂସା କରିବା ସହ ତାଙ୍କୁ ନିଜର ଏକ ଜ୍ୟାକେଟ୍ ଗିଫ୍ଟ ଆକାରରେ ଦେଇଥିଲେ । ତେବେ ଦିଶାଙ୍କ ଆକ୍ଟିଂ କ୍ୟାରିୟର ୨୦୧୩ରେ ତାମିଲ ଫିଲ୍ମ 'ଲୋଫର'ରୁ ଆରମ୍ଭ ହୋଇଥିଲା । ସେ ଅଭିନୟ କରିଥିବା ପ୍ରମୁଖ ଫିଲ୍ମଗୁଡିକ ମଧ୍ୟରେ ରହିଛି 'ଏମ.ଏସ.ଧୋନି : ଦ ଅନଟୋଲ୍ଡ ଷ୍ଟୋରି', 'ବାଗୀ୨', 'ଭାରତ', 'ବାଗୀ ୩', 'ରାଧେ' ଏବଂ 'କଲକି ୨୮୯୮ ଏଡି' ଆଦି । ଚଳିତ ବର୍ଷ ତାଙ୍କ ଅଭିନୀତ 'ଆୱାରାପନ୍ ୨' ଏବଂ 'ୱେଲକମ୍ ଟୁ ଦ ଜଙ୍ଗଲ' ରିଲିଜ ହେବାର ଯୋଜନା ରହିଛି ।


ଦିଶା

## ତାରାଙ୍କ ନୂଆ ଯୋଜନା

ତାରା ସୁଟାରିଆଙ୍କୁ ପ୍ରଥମେ ବଲିଉଡ୍‌ର ନାମୀ ପ୍ରଯୋଜକ କରନ୍ ଜୋହର ବ୍ରେକ୍ ଦେଇଥିଲେ । ଫିଲ୍ମଟି ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨' । ୨୦୧୯ରେ ପୁନୀତ ମାଲହୋତ୍ରାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା । କିନ୍ତୁ ଏହାର ଶ୍ରେୟ ତାରା ନେଇପାରି ନ ଥିଲେ । ପ୍ରଯୋଜକମାନଙ୍କ ନଜର ବି ତାଙ୍କ ଉପରେ ବିଶେଷ ପଡ଼ିଲା ନାହିଁ । ଫଳରେ ଛଅ ବର୍ଷର ଆକ୍ଟିଂ କ୍ୟାରିୟରରେ ସେ ମାତ୍ର ୭ଟି ସିନେମାରେ ଅଭିନୟ କରିଛନ୍ତି । ଏବେ ନିଜ କ୍ୟାରିୟରକୁ ନେଇ ନୂଆ ଯୋଜନା କରୁଛନ୍ତି ଏହି ଅଭିନେତ୍ରୀ । ଏ ବିଷୟରେ ସେ କହନ୍ତି, ''ବର୍ତ୍ତମାନ ନିଜ କ୍ୟାରିୟରକୁ ନେଇ ମୁଁ ବେଶ୍ ସିରିୟସ । ଏଣିକି କୌଣସି ସିନେମା ସାଇନ୍ କରିବା ପୂର୍ବରୁ ତା'ର କାହାଣୀକୁ ଭଲ ଭାବରେ ତର୍ଜମା କରିବି । ଏଣୁତେଣୁ ଗୁଡାଏ ସିନେମାରେ ଅଭିନୟ କରିବାର ମାନସିକତାରେ ମୁଁ ନାହିଁ । ଏକଥା ସତ ଯେ, ଏପର୍ଯ୍ୟନ୍ତ ମୋତେ ମାତ୍ର ହାତଗଣତି ସିନେମା ମିଳିଛି । କ୍ୟାରିୟରରେ ଉତ୍ଥାନ ପତନ ଲାଗି ରହେ । ତେଣୁ ଯାହା ପରିସ୍ଥିତି ହେବ ତାହାକୁ ସାହସର ସହ ସାମ୍ନା କରିବାକୁ ପଡିବ ।' ତାରାଙ୍କ ଅଭିନୀତ ଶେଷ ଫିଲ୍ମ 'ଅପୂର୍ବା' ୨୦୨୩ରେ ରିଲିଜ ହୋଇଥିଲା । ବର୍ତ୍ତମାନ ସେ 'ଟକ୍ସିକ୍' ଶୀର୍ଷକର ଏକ କାନାଡା-ଇଂରାଜୀ ଫିଲ୍ମରେ ଅଭିନୟ କରୁଛନ୍ତି ।


ତାରା

## ପାଖେଇ ଆସୁଛି ଶୁଭଦିନ


ଜ୍ୟୋତି-ଅନୁରାଧା

ପରୀ ଏକ ନିରୀହ, କୋମଳ ଫୁଲ କଢି । ବାପା-ମା' ତାକୁ ନେଇ ଦେଖିଥିଲେ ଅନେକ ସ୍ୱପ୍ନ । ହେଲେ ସେସବୁ ଆଖି ପିଛୁଳାକେ ଚୁର୍‌ମାର୍ ହୋଇଗଲା । ଯୌନ ରାକ୍ଷସଙ୍କ ଲୋଲୁପ ଦୃଷ୍ଟି ପଡିବା ପରେ ଅକାଳରେ ସେ ଚାଲିଗଲା ଆରପାରିକୁ । ହେଲେ ଏଭଳି ଜଣେ ନିରୀହ ଶିଶୁକୁ ଶେଷରେ କ'ଣ ନ୍ୟାୟ ମିଳୁଛି ? ଏମିତି ଅନେକ ପ୍ରଶ୍ନର ଉତ୍ତର ରହିଛି ଏହି ଫିଲ୍ମର କାହାଣୀରେ । ହଁ, 'ପରୀ'ଟାଇଟଲ ବିଶିଷ୍ଟ ଫିଲ୍ମ ଚଳିତ ମାସ ୩୦ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଉକ୍ତ ଚିତ୍ରର କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି । ସହ-ପ୍ରଯୋଜକ ଅଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ । ଡ.ରଜନୀ ରଞ୍ଜନ ସଂଳାପ ରଚନା କରିଥିବାବେଳେ ପ୍ରମୋଦ ପରିଡାଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ । କଣ୍ଠଦାନ କରିଛନ୍ତି ତାରିକ ଅଜିଜ, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନାଏବଂ ଡ. ରୋହନ ବିଶ୍ୱାଳ । ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଧ୍ରୁବନନ୍ଦ ପଣ୍ଡା (ଲିଟୁ) । ସମ୍ପାଦନା କରିଛନ୍ତି ଚନ୍ଦ୍ରଶେଖର ମିଶ୍ର । ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହା । ଏସ. କେ. ମୁରଲୀଧରନ ଏବଂ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ଜ୍ୟୋତି ନାୟକ, ଡା. ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଲ୍ଟୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ।

## ଇଚ୍ଛା ଥିଲା କ୍ରିକେଟର୍ ହେବି

ଭିକି କୌଶଲ ଯେତେବେଳେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଏକ ଆଶା ରହିଥିଲା । ପାଠପଢ଼ା ସହ ସେ କ୍ରିକେଟ ସହ ମଧ୍ୟ ଜଡିତ ଥିଲେ । ଏପରିକି ମନେ ମନେ ସ୍ଥିର କରିଥିଲେ ଯେ ଭବିଷ୍ୟତରେ ଜଣେ କ୍ରିକେଟ ଖେଳାଳି ହେବେ । କିନ୍ତୁ ତାଙ୍କର ଏହି ଆଶା ଅଧା ରହିଯାଇଥିଲା । ଏକ କଳାକାର ପରିବାରରେ ଜନ୍ମ ହୋଇଥିବାରୁ ପରବର୍ତ୍ତୀ ସମୟରେ ସେ ଅଭିନୟ ପ୍ରତି ଆକୃଷ୍ଟ ହୋଇଥିଲେ । ପ୍ରଥମେ ଥିଏଟର ନାଟକରେ ଅଭିନୟ କରିବା ପରେ ସେ ବଡ ପରଦାରେ ଜଣେ ସହଯୋଗୀ ନିର୍ଦ୍ଦେଶକ ଭାବରେ କାମ କରିଥିଲେ । ଆଉ ସେହି ହିନ୍ଦୀ ସିନେମାଟି ଥିଲା 'ଗ୍ୟାଙ୍ଗସ ଅଫ ୱାସେପୁର' । ଏ ବିଷୟରେ ଭିକି କହନ୍ତି, ''ଯେତେବେଳେ ମୁଁ ପଢୁଥିଲି ସେତେବେଳେ କ୍ରିକେଟର୍ ହେବାକୁ ଲକ୍ଷ୍ୟ ରଖିଥିଲି । କିନ୍ତୁ ତାହା ହୋଇପାରିଲା ନାହିଁ । ଥିଏଟର ନାଟକ ସହ ଜଡିତ ହେବାପରେ ଏକଦା ମୋତେ ବିଶିଷ୍ଟ ଅଭିନେତା ନାସିରୁଦ୍ଦିନ ଶାହାଙ୍କ ଥିଏଟର ସଂସ୍ଥାରେ ଅଭିନୟ କରିବାର ସୁଯୋଗ ମିଳିଲା । ତା'ପରେ ସତେ ଯେମିତି ମୋ ଭାଗ୍ୟ ବଦଳିଗଲା । ଚଳଚ୍ଚିତ୍ରରେ କାମ କରିବାର ସୁଯୋଗ ବି ପାଇଲି । ଆଉ ଅଭିନୟର ନିଶା ଲାଗିଗଲା ।'' ଇଲେକଟ୍ରୋନିକ୍ ଆଣ୍ଡ ଟେଲିକମ୍ୟୁନିକେଶନରେ ଡିଗ୍ରୀ ହାସଲ କରିବା ପରେ ଭିକିଙ୍କୁ ଚାକିରି କରିବାର ଏକ ସୁଯୋଗ ମିଳିଥିଲା । କିନ୍ତୁ ସେତେବେଳକୁ ସେ ଆକ୍ଟିଂ ପ୍ରତି ଆକର୍ଷିତ ହୋଇସାରିଥିଲେ । ତେଣୁ ଚାକିରି ଅଫରକୁ ସେ ପ୍ରତ୍ୟାଖାନ କରିଥିଲେ ।


ଭିକି

## ସିଦ୍ଧିମାରୁ କରୀନା

କପୁର ଖାନଦାନ୍‌ର ଅନ୍ୟତମ ଦାୟାଦ କରୀନା କପୁର ବଲିଉଡ୍‌ରେ ବେଶ୍ ଜଣାଶୁଣା । ହେଲେ ଜାଣନ୍ତି କି ତାଙ୍କର ପ୍ରଥମ ନାମ କ'ଣ ଥିଲା । ଯେତେବେଳେ ସେ ଜନ୍ମ ଗ୍ରହଣ କଲେ ସେତେବେଳେ ତାଙ୍କର ଜେଜେ ତଥା ହିନ୍ଦୀ ସିନେମାର ଶୋ'ମ୍ୟାନ୍ ଭାବରେ ପରିଚିତ ରାଜ କପୁର ତାଙ୍କ ନାମ ରଖିଥିଲେ ସିଦ୍ଧିମା । କିନ୍ତୁ କିଛି ଦିନ ପରେ କରୀନାଙ୍କ ମାମା ବବିତା ଏହି ନାମକୁ ବଦଳାଇ ଦେଇଥିଲେ । ସିଦ୍ଧିମା ପରିବର୍ତ୍ତେ ସେ କରୀନା ରଖିବାକୁ ସ୍ଥିର କରିଥିଲେ ଏବଂ କପୁର ପରିବାର ଏହାକୁ ଗ୍ରହଣ କରିନେଇଥିଲେ । ଆଉ ଏହି ନାମଟି କେଉଁଠୁ ଆସିଛି ଜାଣନ୍ତି ? ବିଶିଷ୍ଟ ଲେଖକ ଲିଓ ଟଲଷ୍ଟୟଙ୍କ ପାଠକାଦୃତ ଉପନ୍ୟାସ 'ଆନ୍ନା କରେନୀନା'ପଢ଼ିବା ପରେ ନିଜ ସାନ ଝିଅ ନାମକୁ ସେ 'କରୀନା' ରଖିବାକୁ ମନସ୍ଥ କରିଥିଲେ । ବାସ୍ ତା'ପରେ ଏହି ନାମରେ ସେ ପରିଚିତା ହେଲେ । ମୁମ୍ବାଇସ୍ଥିତ ମିଠିବାଈ କଲେଜରେ ସେ କମର୍ସ ପଢୁଥିଲେ । ତା'ପରେ କିଛି ଦିନ ସେ ଆଇନ୍ ପଢ଼ିଲେ । ଏପରିକି ହାଭାର୍ଡ ବିଶ୍ୱବିଦ୍ୟାଳୟରେ ମାଇକ୍ରୋ କମ୍ପ୍ୟୁଟର କୋର୍ସ ମଧ୍ୟ କରିଛନ୍ତି । ଜିନ୍ସ ଏବଂ ଟି-ଶାର୍ଟ ପିନ୍ଧିବାକୁ ସେ ଭଲ ପାଆନ୍ତି । ନିଜ ଫିଟ୍‌ନେସ୍‌କୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି କରୀନା । ଏବେ ଦୁଇଟି ସନ୍ତାନର ଜନନୀ ହୋଇସାରିଥିଲେ ମଧ୍ୟ କରୀନା ପ୍ରତିଦିନ ଏକ୍ସରସାଇଜ୍ ଏବଂ ଯୋଗ କରିବାକୁ ଆଦୌ ଭୁଲି ନ ଥାନ୍ତି ।


କରୀନା

## ଦିନ ଗଣୁଛନ୍ତି ଚିତ୍ରାଙ୍ଗଦା

ଚିତ୍ରାଙ୍ଗଦା ସିଂ ଏକାଧାରରେ ଜଣେ ଅଭିନେତ୍ରୀ ଏବଂ ପ୍ରଯୋଜିକା । ୨୦୦୫ରେ ଆରମ୍ଭ ହୋଇଥିଲା ତାଙ୍କର ବଲିଉଡ୍ କ୍ୟାରିୟର । ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ହଜାରୋ ଖ୍ୱାହିସେଁ ଐସି' । କେବଳ ସେତିକି ନୁହେଁ, ନିଜର ଡେବ୍ୟୁ ଫିଲ୍ମ ପାଇଁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ପୁରସ୍କାର ମିଳିଥିଲା । ଇତିମଧ୍ୟରେ ସେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଲେଣି । ଚଳିତ ବର୍ଷ ତାଙ୍କ ଅଭିନୀତ ଏକ ସିନେମା ରିଲିଜ ହେବାକୁ ଯାଉଛି, ଯାହାର ଟାଇଟଲ ରହିଛି 'ବ୍ୟାଟେଲ ଅଫ ଗଲୱାନ୍' । ଖାସ୍ କଥା ହେଲା ଗଲୱାନ୍ ଘାଟି ଆକ୍ରମଣ ଉପରେ ଆଧାରିତ ଏହି ବିଗ୍ ବଜେଟ୍ ଫିଲ୍ମର ମୁଖ୍ୟ ଭୂମିକାରେ ସଲମାନ୍ ଖାନ୍ ଅଭିନୟ କରିଛନ୍ତି । ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୧୭ରେ ରିଲିଜ ହେବାକୁ ଯାଉଛି । ଏ ବିଷୟରେ ଚିତ୍ରାଙ୍ଗଦା କହନ୍ତି, ''ମୁଁ ବେଶ୍ ଉତ୍ସୁକତାର ସହ 'ବ୍ୟାଟେଲ୍ ଅଫ ଗଲୱାନ୍'ର ରିଲିଜକୁ ଅପେକ୍ଷା କରିଛି । ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି । ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ତାହାକୁ ତୁଲାଇବାକୁ ବେଶ୍ ପରିଶ୍ରମ କରିବାକୁ ପଡିଛି । ଆଶା ରଖିଛି ସିନେମାଟି ରିଲିଜ ହେବା ପରେ ମୋର ପରିଶ୍ରମର ମୂଲ୍ୟ ମୋତେ ନିଶ୍ଚୟ ମିଳିବ ।'' ତେବେ ଯେଉଁ ଫିଲ୍ମର ସଫଳତାକୁ ନେଇ ଚିତ୍ରାଙ୍ଗଦା ଏତେ ଆଶା ବାନ୍ଧି ବସିଛନ୍ତି ତାହା କେତେ ସଫଳ ହେଉଛି ସେକଥା ରିଲିଜ ପରେ ହିଁ ଜଣାପଡିବ ।


ଚିତ୍ରାଙ୍ଗଦା

## ପ୍ରଥମ ରୋଜଗାର

# ରୟାଲ ସ୍ୱପ୍ନରୁ ମିନିମମ୍ ବାଲାନ୍ସ ପର୍ଯ୍ୟନ୍ତ

### ଲେଖିକା ଓ ଡାକ୍ତର ଇପ୍ସିତା ପ୍ରଧାନ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



ଆମେ ସ୍କୁଲରେ ପଢ଼ିବାଠୁ ଚାକିରି କରିବା ପର୍ଯ୍ୟନ୍ତ ଆମ ଦୁଇ ଭଉଣୀଙ୍କର କେଉଁ ବୟସରେ କ'ଣ ଦରକାର, ସେ କଥା ଆମେ ଚାହିଁବା ଆଗରୁ ବୋଉବାପା ଆଗୁଆ ଆମ ପାଖରେ ପହଞ୍ଚାଇ ଦେଇଥା'ନ୍ତି। ସେତେବେଳେ ସତରେ ଜଣାନଥାଏ ଯେ, ବାପାଙ୍କ ଦରମା କେତେ ଓ ଘର କେମିତି ଚଳେ। ଯଦି ମୋର ପ୍ରଥମ ଅର୍ଜନ କଥା କୁହାଯିବ, ତା'ହେଲେ ସେଇଟି ପ୍ରକୃତରେ ମୋ'ର ପଞ୍ଚମ ଶ୍ରେଣୀ ଛାତ୍ରବୃତ୍ତି ଟଙ୍କା। ସେତେବେଳେ ବାପା କୋଲାବନଗର, କୋରାପୁଟରେ ଥା'ନ୍ତି। ମୁଁ ସେଇଠି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପଢୁଥାଏ। ଦିନେ ସକାଳୁ ସକାଳୁ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆମ ଘରକୁ ଆସି ମୁଁ ପଞ୍ଚମ ଶ୍ରେଣୀ ସ୍କଲାରଶିପ୍ ପାଇବା କଥା ଜଣାଇଲେ। ଏବେକାର କଥା ତ ଜାଣିନି, କିନ୍ତୁ ସେତେବେଳେ ସ୍କଲାରଶିପ୍ ପାଇବା ପ୍ରକୃତରେ ଗର୍ବର ବିଷୟ ଥିଲା। ସେତେବେଳେ କେତେ ଟଙ୍କା ଛାତ୍ରବୃତ୍ତି ମିଳୁଥିଲା ମୋ'ର ମନେ ନାହିଁ। କାରଣ ସେଇ ମୁହୂର୍ତ୍ତରେ ହିଁ ବୋଉବାପା, ବଡ଼ ଦିଦିଙ୍କୁ କହି ଦେଇଥିଲେ ଯେ ଏ ଟଙ୍କାଟା ସ୍କୁଲର ଯେଉଁ ନୂଆଘର ତିଆରି ହେଉଛି ସେଇଥିରେ ଲାଗିଯାଉ। ମୋ ମନ ଟିକେ ଉଣା ହୋଇଥିଲା ଯେ, ମୋ' ଟଙ୍କାରେ ମୁଁ ଏଥର ନିଜ ମନ ପସନ୍ଦର ଗ୍ରିଟିଙ୍ଗ୍ କାର୍ଡ କିଣିପାରିବିନି। କେବଳ ସେଇ ବୟସ ନୁହେଁ, ତା'ର ଅନେକ ବର୍ଷ ପର୍ଯ୍ୟନ୍ତ ମୁଁ ବୁଝି ପାରିନଥିଲି ଯେ, ବାପାଙ୍କ ପରିଶ୍ରମର ଏମିତି କେତେ ଉପାର୍ଜିତ ଅର୍ଥକୁ ମୁଁ ମୋ' ମନ ମୁତାବକ ଖର୍ଚ୍ଚ କରିଛି! ଇଣ୍ଟର୍ନଶିପ୍ ଯେବେ ଆରମ୍ଭ ହେଲା, ପ୍ରଥମ ମାସ ସରିବା ଆଗରୁ ମୁଁ ପ୍ରବଳ ଆଗ୍ରହରେ ଅନେଇଥାଏ କେତେବେଳେ ଷ୍ଟାଇପେଣ୍ଡ ଆସିବ। ସେତେବେଳକୁ ମୁଁ ମନେମନେ ଯୋଜନା କରି ଦେଇଥାଏ ଯେ, ଯେମିତି ଅପା ତା' ପ୍ରଥମ ଦରମାରୁ ଆମ ପାଇଁ ବିଭିନ୍ନ ଗିଫ୍ଟ ଆଣିଥିଲା, ସେମିତି ମୁଁ ବି କାହା ପାଇଁ କ'ଣ କରିବି। ସେଦିନ ବି ଆସିଲା, ଷ୍ଟାଇପେଣ୍ଡ ଆକାଉଣ୍ଟରେ କ୍ରେଡିଟ୍ ହେଲା। ସନ୍ଧ୍ୟାରେ ବୋଉକୁ ଦରମା କଥା କହିବାରୁ ସେ କହିଲା– ହଉ ଖର୍ଚ୍ଚ କରି ନଥିବୁ, ଆଈ କହିଛି, ତୋ' ପ୍ରଥମ ଷ୍ଟାଇପେଣ୍ଡ ଟଙ୍କା ବଳଦେବଜୀଉଙ୍କ ହୁଣ୍ଡିରେ ପଡ଼ିବ। ....ଯାଃ! ମୋତେ ପୁରା ପାରାଚ୍ୟୁଟ୍‌ରୁ ତଳକୁ ନାଥିକିନା ପଡ଼ିଗଲା ପରି ଲାଗିଲା। ସତରେ ପଞ୍ଚମ ଶ୍ରେଣୀରେ ସ୍କଲାରଶିପ୍ ଟଙ୍କାକୁ ନେଇ ହୋଇଥିବା ମୋ' ପ୍ରତି ଅନ୍ୟାୟର ପୁନରାବୃତ୍ତି ପରି ହିଁ ଲାଗିଲା। ତଥାପି ସେତେବେଳକୁ ମାର୍କେଟ୍‌ରେ ଅଜାଙ୍କ ପାଇଁ ଶାଲ୍ ଆଉ ଆଈ ପାଇଁ ସ୍ୱେଟର କିଣିବାକୁ ମୁଁ କାର୍ଡ ସ୍ୱାଇପ କରି ସାରିଥାଏ। ଶନିବାର ଦିନ ଯେତେବେଳେ ଦି' ଭଉଣୀ ଘରକୁ ଗଲୁ, ବୋଉକୁ ବାକି ଟଙ୍କା ତା' ବଳଦେବଜୀଉଙ୍କ ହୁଣ୍ଡି ପାଇଁ ଧରେଇ ଦେଇ ଆସିଲି। ଅବଶ୍ୟ ତା'ପରେ ଇଣ୍ଟର୍ନଶିପ୍ ସମୟରେ ଯାହା ଷ୍ଟାଇପେଣ୍ଡ ପାଉଥିଲି, ସେଥିରେ ଆଉ ବୋଉବାପା କ'ଣ ଆଉ କେମିତି ଖର୍ଚ୍ଚ କରିବୁ ଆଦୌ ମତ ଦେଇ ନଥିଲେ। ଇଣ୍ଟର୍ନଶିପ୍ ପରେ ମୋର ପ୍ରଥମ ଚାକିରି ଥିଲା ଗାଜିଆବାଦ, ଉତ୍ତରପ୍ରଦେଶରେ। ହେଲେ ପ୍ରଥମ ଦରମା ଆକାଉଣ୍ଟକୁ ଆସିବା ଆଗରୁ ଅସୁସ୍ଥତା କାରଣରୁ ଭୁବନେଶ୍ୱର ଫେରି ଆସିଥିଲି। ମୋ'ର ପ୍ରକୃତ ଅଫିସିଆଲ ପ୍ରଥମ ଦରମା ଆସିଲା ତା'ର ପାଖାପାଖି ଦଶ ମାସ ପରେ। ଆଉ ଯେତେବେଳେ ଆସିଲା ଏକା ଆସିଲାନି, ଆଣିଥିଲା ମୋ ମନ ଭିତରେ ଇଚ୍ଛାମାନଙ୍କର ଗୋଟିଏ ଲମ୍ବା ଲିଷ୍ଟ! ପ୍ରକୃତରେ ମୁଁ ଚାକିରି କରିବା ବେଳକୁ ମୋ' ଉପରେ କୌଣସି ପାରିବାରିକ ଦାୟିତ୍ୱ ନ ଥିଲା। ଯେହେତୁ ଘରେ ସାନ ଥିଲି, ତେଣୁ ବୋଉ, ବାପା, ଅପା ଏ ସମସ୍ତଙ୍କ ଦରମାକୁ ଖୁବ୍ ଉପଭୋଗ କରୁଥିଲି। ତେଣୁ ମୋତେ ପ୍ରଥମ ଦରମା ମିଳିଲେ ଯେ ମୁଁ ଘରର ଗୋଟିଏ ବିରାଟ ବଡ଼ ଦାୟିତ୍ୱ ନେଇପାରିବି ସେମିତି କିଛି ବି ନ ଥିଲା। ତୁଳନା କଲେ ମୋ ପ୍ରଥମ ଦରମା ଏବେକା ଦରମାର ଦଶ ଭାଗରୁ ଭାଗେ ଥିଲା। ହେଲେ ମନ କ'ଣ ଏସବୁ ଅଙ୍କ କଷାକଷି କରେ, ସେ ତ ଆପେ ରାଜା। ପ୍ରଥମ ଦରମା ଆସିଲା ବେଳକୁ ମୋତେ ଲାଗୁଥାଏ ଏବେ ମୁଁ ଦୁନିଆର ଯେକୌଣସି ଜିନିଷ କିଣି ଦେଇପାରିବି। ପ୍ରଥମେ ଆମେ ଦି' ଭଉଣୀ ପ୍ଲାନ କଲୁ ମ୍ୟାଟିନି ସୋ' ସିନେମା ଦେଖିବାକୁ। ହେଲେ ଘରୁ ବାହାରିବା ପରେ ହଠାତ୍ ଆରମ୍ଭ ହୋଇଗଲା ଘଡ଼ଘଡ଼ି ସହ ବର୍ଷା। ସିନେମା ହଲ୍ ଆଗରେ ପହଞ୍ଚିଲା ବେଳକୁ ଆଣ୍ଠୁଏ ପାଣି। ସେଇ ଓଦା ଜିନ୍ସରେ ଟିକେଟ କରି ସିନେମା ହଲ୍ ଭିତରକୁ ପଶିବା ସମୟରେ ଅପାକୁ କହିଲି, ଆର ଥରକୁ ଆମେ ଆମ କାର୍‌ରେ ଆସିବା। ଆଉ ସେ ଅଟୋଫଟୋରେ ଓଦା ହେଇ ଆସିବାନି। ଯଦିଓ ଅପା ହସିଦେଲା, ମୁଁ କିନ୍ତୁ ଖୁବ୍ ସିରିୟସ ଥିଲି। ସିନେମା ଦେଖିସାରି ମାର୍କେଟ ଗଲୁ। ବୋଉବାପାଙ୍କ ଛଡ଼ା ଆମ ଦି' ଜଣଙ୍କର ଚାରିଟା ବ୍ୟାଗ ଭର୍ତ୍ତି ଡ୍ରେସ୍ କିଣିଲୁ, ଯେମିତି ଆସନ୍ତା ପନ୍ଦର ଦିନ ପର୍ଯ୍ୟନ୍ତ ଆଉ ରିପିଟ୍ କରି ଡ୍ରେସ୍ ପିନ୍ଧାଯିବନି। ତା'ପରେ ରେଷ୍ଟୁରାଣ୍ଟରେ ଡିନର କରି ଘରକୁ ଫେରି ବୋଉକୁ ଫୋନ କଲୁ। ବୋଉ ପଚାରିଲା–ତୋ' ପ୍ରଥମ ଦରମାରେ କ'ଣ କରିବୁ? ସେତେବେଳକୁ ଜିନ୍ସ ପ୍ୟାଣ୍ଟ ସହ ମୋ ମନ ବି ଟିକେ ଶୁଖି ଯାଇଥାଏ। ଅତି ଧୀର ଗଳାରେ ପଚାରିଲି– ବାପା କେତେବେଳେ ଫେରିବେ? ବୋଉ କହିଲା–କାହିଁ? କ'ଣ ହେଲା? ମୁଁ କହିଲି–କାଲିଠୁ ଡ୍ରାଇଭିଂ ଶିଖେଇବାକୁ ଆସିବେ, ତାଙ୍କୁ ଫି' ଦେବାକୁ ପଡ଼ିବ, ହେଲେ ମୋ ଆକାଉଣ୍ଟରେ ମିନିମମ୍ ବାଲାନ୍ସ ଅଛି। ଅପା ଓ ବୋଉର ହସରେ ଘର ଫାଟି ପଡ଼ିଥିଲା। କିଛି ସମୟ ଯାଏଁ ମୁଁ କିଛି ବୁଝି ପାରି ନଥିଲି। ଅବଶ୍ୟ ତା'ର କିଛି ମାସ ପରେ ବୁଝିଥିଲି ସେ ହସର କାରଣ। ଦରମାକୁ ଏମିତି ଖାଲି ଡ୍ରେସ୍, ଜୋତା କି ସିନେମା ଦେଖାରେ ଖର୍ଚ୍ଚ କରାଯାଏନି। ତା'ପରବର୍ଷ ଦୁଇ ଭଉଣୀ ମିଶି ବାକିଥିବା ଘରର ହୋମଲୋନ୍ ଏକାଥରେ ଦେଇ କ୍ଲୋଜ କରି ଦେଇଥିଲୁ। ବାପାଙ୍କ କଲିଗ୍‌ମାନେ ଯେବେ କହିଥିଲେ, ଏ ଦୁଇଜଣ ଆପଣଙ୍କ ପୁଅ। ସବୁଥର ପରି ବାପା ହସିକି ଗର୍ବରେ କହିଥିଲେ, ନା' ପୁଅ ହେବା ଦରକାର ନାହିଁ, ଦୁଇଜଣଯାକ ମୋ ଝିଅ!

## ଆଖିରେ ଆଖିରେ ଇସାରା କରି, ରଙ୍ଗିଲା ମନକୁ କରିଛି ଚୋରି

**ପ୍ରଶ୍ନ**–ସବୁବେଳେ ମୋ ସ୍ୱପ୍ନରେ ଜଣେ ସୁନ୍ଦରୀ ଆସୁଛି। ତା' କଥା ଭାବି ଭାବି ଦିନ ବିତି ଯାଉଛି। କ'ଣ କରିବି ? *–ତପନ ସାହୁ, ରାଉରକେଲା*

**ଉତ୍ତର:** ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡ଼ି ନ ଥାଏ। କିନ୍ତୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲୁକା ଭାବରେ ନିଅନ୍ତୁ ନାହିଁ। ପ୍ରଥମ କଥା ହେଲା ଯିଏ ଆପଣଙ୍କ ସ୍ୱପ୍ନରେ ସବୁବେଳେ ଆସୁଛି ଆପଣଙ୍କ ମନ ତା' ପାଖରେ ଏବେ ବନ୍ଧା ପଡିଯାଇଛି। ଅନ୍ୟପକ୍ଷରେ ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା।

**ପ୍ରଶ୍ନ**–ସେହି ସୁନ୍ଦରୀର ଲାଜୁଆ ହସ ପାଖରେ ମୁଁ ବନ୍ଧା ପଡିଯାଇଛି। ସତେ ଯେମିତି ସେ ମୋ ମନକୁ ଚୋରି କରିନେଇଛି। ଏବେ ମୁଁ କ'ଣ କରିବି ଜାଣିପାରୁନାହିଁ। *–ଅଲେଖ, କଟକ*

**ଉତ୍ତର:** ସେହି ସୁନ୍ଦରୀର ପରିଚୟ ବୋଧହୁଏ ଆପଣ ଜାଣିନାହାନ୍ତି। ଏପରି ଲାଗୁଛି ପ୍ରଥମ ଇସାରାରେ ତା' ପ୍ରେମ ଫାଶରେ ଆପଣ ବାନ୍ଧି ହୋଇଯାଇଛନ୍ତି। 'ଆଖିରେ ଆଖିରେ ଇସାରା କରି, ରଙ୍ଗିଲା ମନକୁ କରିଛି ଚୋରି'। ଅଧିକାଂଶ ଲାଜେଇ ଝିଅଙ୍କର ଆଖିରେ ପ୍ରେମ ଭରି ରହିଥାଏ। ଆଉ ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହନ୍ତୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୁରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ଜୀବନ ରାଉତ, କେନ୍ଦ୍ରାପଡ଼ା*

**ଉତ୍ତର:** ସତରେ ପ୍ରଥମ ପ୍ରେମକୁ ଭୁଲିବା ଏତେ ସହଜ ନୁହେଁ। ଦେଖୁନାହାନ୍ତି, ଆପଣଙ୍କ ପ୍ରେମିକା ଆପଣଙ୍କୁ ଧୋକା ଦେଇ ଚାଲିଯାଇଛି, ହେଲେ ଆପଣ ତାଙ୍କୁ ମନରୁ ପୋଛି ଦେବାକୁ ନାରାଜ। ତେଣେ ଆଉ ଜଣେ ଝିଅକୁ ପ୍ରେମ କରିବାକୁ ମାଇଣ୍ଡ ମେକଅପ୍ କରିସାରିଲେଣି। ଏପରି ଦୁଇ ନାବରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଦୁକୁଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ମନ ହୋଇଛି, ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।



ସାଥୀ

# ଶୀତରେ ଡେନିମ୍ ଲୁକ୍




**ଡେନିମ୍ ଆଉଟ୍‌ଫିଟ୍‌ର ଟ୍ରେଣ୍ଡ ସବୁବେଳେ ଚାଲେ। ବିଶେଷକରି ଶୀତରେ ପିନ୍ଧିବା ପାଇଁ ଏମିତି କିଛି ଖାସ୍ ଡେନିମ୍ ଆଉଟ୍‌ଫିଟ୍ ରହିଛି; ଯାହାକୁ ଟ୍ରାଏ କରି ଝିଅମାନେ ଡିଫରେଣ୍ଟ ଲୁକ୍ ପାଇବା ସହ ଶୀତରୁ ବି ରକ୍ଷା ପାଇପାରିବେ...**

ଅଲ୍‌ଟାଇମ୍ ଫ୍ୟାଶନେବଲ୍ ଲୁକ୍ ଦେଇଥାଏ ଡେନିମ୍। ଶୀତଦିନେ ତ ଡେନିମ୍ ଜ୍ୟାକେଟ୍ ଓ ଜମ୍ପସୁଟ୍‌ର ଡିମାଣ୍ଡ କାହିଁରେ କେତେ ରହିଥାଏ। ତେବେ କେବଳ ଜ୍ୟାକେଟ୍ ଓ ଜମ୍ପସୁଟ୍ କାହିଁକି ଡେନିମ୍‌ର ଏମିତି କିଛି ଆଉଟ୍‌ଫିଟ୍ ବି ରହିଛି ; ଯାହାକୁ ଶୀତଦିନେ ପିନ୍ଧି ଝିଅମାନେ ଷ୍ଟାଇଲିଶ୍ ଓ କମ୍ଫଟେବଲ୍ ଲୁକ୍ ପାଇପାରିବେ...

✻ **କାର୍ଗୋ ଷ୍ଟାଇଲ୍ ଡେନିମ୍ ଜମ୍ପସୁଟ୍:** ଶୀତଦିନେ ପିନ୍ଧିବା ପାଇଁ ଜମ୍ପସୁଟ୍ ଏକ ବେଷ୍ଟ ଅପ୍ସନ ହୋଇଥାଏ। ଆଉ ଯଦି କଥା କାର୍ଗୋ ଷ୍ଟାଇଲ୍ ଡେନିମ୍ ଜମ୍ପସୁଟ୍‌ର ଆସେ, ତା'ହେଲେ ତ ଏହା ଝିଅଙ୍କୁ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ଦେଇଥାଏ। ଶୀତଦିନେ ଏହି ଆଉଟ୍‌ଫିଟ୍ ସାଙ୍ଗକୁ ବ୍ଲାକ୍ କିମ୍ବା ବ୍ରାଉନ୍ ଲେଦର୍ ଜ୍ୟାକେଟ୍ ପେୟାର୍ କରିବା ସହ ହିଲ୍‌ବାଲା ଆଙ୍କେଲ୍ ବୁଟ୍ ଏବଂ ଷ୍ଟେଟ୍‌ମେଣ୍ଟ ଜୁଏଲେରି ପିନ୍ଧିଲେ ଆକର୍ଷଣୀୟ ପାର୍ଟି ଲୁକ୍ ମିଳେ। ଆଉ କାଜୁଆଲ୍ ଲୁକ୍ ପାଇଁ ସ୍ନିକର୍ସ ଟ୍ରାଏ କରାଯାଇପାରେ।

✻ **ଡେନିମ୍ କ୍ରପ୍ଡ ଜ୍ୟାକେଟ୍ ଓ ୱାଇଡ୍ ଲେଗ୍ ଜିନ୍ସ ସେଟ୍:** ଶୀତଦିନେ ଏହି ଷ୍ଟାଇଲ୍‌ର ଟ୍ରେଣ୍ଡ ବି ଖୁବ୍ ଚାଲେ। ବିଶେଷକରି ଡେନିମ୍ କ୍ରପ୍ଡ ଜ୍ୟାକେଟ୍‌କୁ ଟିକେ ହାଇ ୱେଷ୍ଟ ୱାଇଡ୍ ଲେଗ୍ ଜିନ୍ସ ପ୍ୟାଣ୍ଟ ସହ ପେୟାର୍ କଲେ ଝିଅମାନେ ଡେଙ୍ଗା ଦେଖାଯିବା ସହ ପତଳା ବି ଲାଗିଥାନ୍ତି। ଯଦି ପ୍ୟାଣ୍ଟର ୱାଇଡ୍ ଟିକେ ଅଧିକ ଥାଏ, ତା'ହେଲେ ଏହା ସାଙ୍ଗକୁ ଫିଟେଡ୍ ଟପ୍ ଅବା କ୍ରପ୍ ଟପ୍ ପିନ୍ଧି ତା'ଉପରେ ଡେନିମ୍ ଜ୍ୟାକେଟ୍ ପିନ୍ଧିଦେଲେ ଲୁକ୍ ଆଉ ମିସ୍ ମ୍ୟାଚ୍ ଲାଗେନି। ଏହି ଟାଇପ୍‌ର ଷ୍ଟାଇଲ୍ ସାଙ୍ଗକୁ ସ୍ନିକର୍ସ ଅବା ଆଙ୍କେଲ୍ ବୁଟ୍ ପିନ୍ଧିଲେ କାଜୁଆଲ୍ ଲୁକ୍ ମିଳୁଥିବାବେଳେ ହିଲ୍ ଅବା ୱେଜ୍ ହିଲ୍ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ। ଏହାଛଡ଼ା ଶୀତଦିନେ ଏହି ଟାଇପ୍‌ର ଆଉଟ୍‌ଫିଟ୍ ସାଙ୍ଗକୁ ପ୍ଲାଟ୍‌ଫର୍ମ ଟ୍ରେନର୍ ଅବା କାଓବୟ ବୁଟ୍ସ ପିନ୍ଧିଲେ ଟିକେ ଡିଫରେଣ୍ଟ ଲୁକ୍ ମିଳିଥାଏ।

✻ **ଡେନିମ୍ ପେପଲମ୍ ଟପ୍ସ ଉଇଥ୍ ଟ୍ରାଉଜର୍ କୋ–ଅର୍ଡ ସେଟ୍:** ଡେନିମ୍‌ର ପେପଲମ୍ ଟପ୍ସ ସାଙ୍ଗକୁ ଡେନିମ୍ ଟ୍ରାଉଜର୍‌ର କମ୍ବିନେଶନ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଶୀତଦିନେ ପିନ୍ଧିବା ପାଇଁ ଏହା ଏକ ବେଷ୍ଟ ଅପ୍ସନ ବି ହୋଇଥାଏ। କିନ୍ତୁ ଏହି ଆଉଟ୍‌ଫିଟ୍ ଚୟନ କଲାବେଳେ ଏହାର ଫିଟିଂ ଉପରେ ଯଥେଷ୍ଟ ଧ୍ୟାନ ଦେବାକୁ ହୁଏ, ନଚେତ୍ ଲୁକ୍ ବଲ୍‌କି ଲାଗେ। ଏହି ଲୁକ୍ ସାଙ୍ଗକୁ ହିଲ୍, ୱେଜେସ୍, ଷ୍ଟାଇଲିଶ୍ ଫ୍ଲାଟ୍ ସୁନ୍ଦର ମାନିଥାଏ। ହେଲେ ବ୍ଲାକ୍ ହିଲ୍ସ ଅବା ଷ୍ଟିଲେଟୋଜ୍ ଏହି ଲୁକ୍‌କୁ ହାଇଲାଇଟ୍ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଯେହେତୁ ପେପଲମ୍ ଟପ୍ସ ନିଜେ ହିଁ ଗୋଟେ ଷ୍ଟେଟ୍‌ମେଣ୍ଟ ପିସ୍ ତେଣୁ ଏହା ସାଙ୍ଗକୁ ମିନିମମ୍ ଜୁଏଲେରୀ ଯେମିତିକି ଛୋଟ ଇୟର ରିଂ ଅବା ବ୍ରେସ୍‌ଲେଟ୍ ପିନ୍ଧିଦେଲେ ହିଁ ଲୁକ୍ ଖୁବ୍ ସୁନ୍ଦର ଲାଗିଥାଏ।

✻ **ଡେନିମ୍ ଜ୍ୟାକେଟ୍ ଷ୍ଟାଇଲ୍ ଶାର୍ଟ ଆଣ୍ଡ ୱାଇଡ୍ ଲେଗ୍ ପ୍ୟାଣ୍ଟ:** ଶୀତଦିନେ ସାଙ୍ଗମାନଙ୍କ ସହ କୁଆଡ଼େ ଆଉଟିଂରେ ଯିବାର ଥିଲେ ଏହି ଷ୍ଟାଇଲ୍‌କୁ ଫଲୋ କରି କମ୍ଫଟେବଲ୍ ଲୁକ୍ ପାଇପାରିବେ। ଆଉ ଯଦି ଜ୍ୟାକେଟ୍‌ରେ ବେଲ୍ଟ ଲାଗିଥାଏ, ତା'ହେଲେ ତ ଲୁକ୍ ଆହୁରି ସୋବର୍ ଲାଗେ ; ଯାହାକୁ ଅଫିସ୍ ମଧ୍ୟ ପିନ୍ଧିକି ଯାଇହୁଏ। ଏହା ସାଙ୍ଗକୁ ମିନିମମ୍ ଜୁଏଲେରୀ ଓ ଷ୍ଟିଲେଟୋଜ୍ ଖୁବ୍ ସୁନ୍ଦର ମାନିଥାଏ।

✻ **ଡାର୍କ ଡେନିମ୍ ଫୁଲ୍ ସ୍ଲିଭ୍ ଶାର୍ଟ ଆଣ୍ଡ ପ୍ୟାଣ୍ଟ:** ଶୀତଦିନ ପାଇଁ ଏହା ଏକ ଷ୍ଟାଇଲିଶ୍ ଓ କମ୍ଫଟେବଲ୍ ଆଉଟ୍‌ଫିଟ୍ ହୋଇଥାଏ। ଏହାକୁ ଇନ୍ କରି ପିନ୍ଧିପାରିବେ ନଚେତ୍ ଖୋଲା ବି ଛାଡ଼ିପାରିବେ। ହାଲ୍‌କା ମେକ୍‌ଅପ୍ ସାଙ୍ଗକୁ ମିନିମମ୍ ଜୁଏଲେରୀ ପିନ୍ଧିଲେ ଏହି ଲୁକ୍ ଆହୁରି ଆଟ୍ରାକ୍ଟିଭ୍ ଲାଗିଥାଏ। ଅଫିସ୍ ଲୁକ୍ ପାଇଁ ଏହି ଷ୍ଟାଇଲ୍ ପୂରା ପରଫେକ୍ଟ ହୋଇଥାଏ।

✻ **ଡେନିମ୍ ସ୍କର୍ଟ ଓ ଟପ୍ସ:** ଶୀତଦିନେ ଡେନିମ୍‌ର ଲଙ୍ଗ୍ ସ୍କର୍ଟ ଓ ଟପ୍ସର ବି ଖୁବ୍ ଡିମାଣ୍ଡ ରହୁଥିବା ଦେଖିବାକୁ ମିଳେ। ଏହାକୁ କାଜୁଆଲ୍ ଆଉଟିଂ ହେଉ କି ଅଫିସ୍‌କୁ ବି ପିନ୍ଧିକି ଯାଇହୁଏ। ସ୍ନିକର୍ସ ଏହି ଲୁକ୍‌କୁ ପରଫେକ୍ଟ ମ୍ୟାଚ୍ କରିଥାଏ।








## ହାଃ ହାଃ

### ଥଟ୍ଟା

ସ୍ତ୍ରୀ ସ୍ୱାମୀଙ୍କୁ: ତମେ ଏତେ କଳା ବୋଲି ସାଙ୍ଗମାନେ ଥଟ୍ଟା କରୁଛନ୍ତି। ମତେ ଭାରି ଖରାପ ଲାଗୁଛି।
ସ୍ୱାମୀ: ମୁଁ ଗୋରା ହେଇଥିଲେ , ତମର ସେଇ ସାଙ୍ଗମାନେ ମତେ ଲାଇନ୍ ମାରିଥାନ୍ତେ। ତମକୁ କ'ଣ ସେଇଟା ଭଲ ଲାଗି ଥାଆନ୍ତା ?
ସ୍ତ୍ରୀ: ନାଁ, ଜମାରୁ ନୁହେଁ। ତମେ ଯେମିତି ଅଛ ଭଲ ଅଛ।

### ସନ୍ଦେହ

ମହିଳା ତା' ସାଙ୍ଗକୁ: ଜାଣିଛୁ, ମତେ ନା ମୋ ସ୍ୱାମୀଙ୍କ ଉପରେ ସନ୍ଦେହ ହଉଛି। ଲାଗୁଛି ସେ ଲୁଚି ଲୁଚି କୋଉ ଝିଅ ସହ ଦେଖା କରିବାକୁ ଯାଉଛନ୍ତି।
ସାଙ୍ଗ: ଏବେ ତୁ କ'ଣ କରିବୁ ବୋଲି ଭାବିଛୁ ?
ମହିଳା: ଭାବୁଛି କାଲି ହିଁ ମୁଁ ମୋ ବୟଫ୍ରେଣ୍ଡକୁ ତାଙ୍କ ପଛରେ ଲଗେଇ ଦେବି।

### ଶୀତଳ ଛାୟା

ମୋହନ ଗଛ ତଳେ ବସିଥିବାର ଦେଖି
ରାଜେଶ– ଗଛ ତଳେ କାହିଁକି ବସିଛୁ ?
ମୋହନ– ମତେ ଜଣେ କହିଲେ, ଗଛ ତଳେ ବସିଲେ ଶୀତଳ ଛାୟା ମିଳିବ।
ରାଜେଶ– ଓଃ, ସେଥିପାଇଁ ବସିଛୁ।
ମୋହନ– ହଁ, ହେଲେ ଏ ଯାଏଁ ନା ଶୀତଳ ଆସିଲା, ନା ଆସିଲା ଛାୟା।

### ବନ୍ଦ

ଚିଣ୍ଟୁ ଅମିତକୁ– ମୋ ମା' ମତେ ବହୁତ ରାଗୁଛନ୍ତି।
ଅମିତ– କାହିଁକି ?
ଚିଣ୍ଟୁ– ମୁଁ ସବୁବେଳେ ଫେସ୍‌ବୁକ୍ ଦେଖୁଛି ତ ସେଥିପାଇଁ।
ଅମିତ–ତୁ ଫେସ୍‌ବୁକ୍ ଆକାଉଣ୍ଟ ବନ୍ଦ କରି ଦେଉନୁ।
ଚିଣ୍ଟୁ– କରିଦିଅନ୍ତି। ହେଲେ ତା' ଠିପି କୋଉଠି ଅଛି ମୁଁ ପାଉନି।





# ଜୟନ୍ତୀଗଡ଼

ଖ୍ରୀଷ୍ଟାବ୍ଦ ୮୩୨ ବେଳକୁ ବୌଦ୍ଧରୁ ଭଞ୍ଜ ରାଜବଂଶର ପ୍ରଥମ ରାଜା ରଘୁନାଥ ଭଞ୍ଜ ନେଟଙ୍ଗା ବରପାଲି ଅଞ୍ଚଳରେ ତାଙ୍କର ଗଡ଼ ସ୍ଥାପନ କରିଥିଲେ। ବାରଗଡ଼ିଆଙ୍କୁ ଦମନ କରି ଏହାର ବିଜୟ ସ୍ମାରକୀ ସ୍ୱରୂପ ଏହି ଗଡ଼ ତିଆରି କରାଯାଇଥିଲା ; ଯାହାର ନାମ ଜୟନ୍ତୀ ଗଡ଼। ପାଟ ମହିଷୀ ଜୟନ୍ତୀ ଦେବୀଙ୍କ ନାମାନୁସାରେ ଜୟନ୍ତୀ ଗଡ଼ ନାମ ହୋଇଥିବା କଥା ମଧ୍ୟ ଲୋକମୁଖରେ କୁହାଯାଏ। ଏହା ଏକ ଉଚ୍ଚ ଜାଗା ଓ ଏହାର ଚାରିପଟେ ପାଣି ଘେରି ରହିଥିବାରୁ ଏହାକୁ ଗୁମାସର ବି କୁହାଯାଉଥିଲା ; ଯାହା ପରବର୍ତ୍ତୀ ସମୟରେ ଘୁମୁସରରେ ପରିଣତ ହୋଇଥିବା ଅନୁମାନ କରାଯାଏ। କାଳକ୍ରମେ ଗୁମା ବା ମାଟିର ଛୋଟ ସ୍ତୁପଗୁଡିକ ଧୋଇ ହୋଇଯାଇଥିବା ବେଳେ ସର ବା ପୋଖରୀଗୁଡିକ ପୋତିହୋଇ ଚାଷଜମିରେ ରୂପାନ୍ତରିତ ହୋଇଯାଇଛି। ତଥାପି ଶହ ଶହ ମିଟର ପର୍ଯ୍ୟନ୍ତ ଗଡ଼ଖାଇ ଏବେ ମଧ୍ୟ ଜଳାର୍ଣ୍ଣବ ହୋଇ ରହିଛି।

ଦୀର୍ଘ ୩୪୮ ବର୍ଷ ଉକ୍ତ ସ୍ଥାନରେ ରାଜତ୍ୱ କଲା ପରେ ଭଞ୍ଜବଂଶର ଦ୍ୱାବିଂଶତମ ରାଜା ପ୍ରତାପ ଭଞ୍ଜ ଜୟନ୍ତୀ ଗଡ଼ରୁ କୁଲାଡ଼ଗଡ଼କୁ ରାଜଧାନୀ ସ୍ଥାନାନ୍ତର କରିଥିଲେ। ପ୍ରାଚୀନ ଭାରତରେ ଗଡ଼ ନିର୍ମାଣବେଳେ ସାମରିକ ନିରାପତ୍ତା ଦିଗଟିକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ଜୟନ୍ତୀଗଡ଼ 'ପୁରୁଣା ଘୁମୁସର' ନାମରେ କେବଳ ସ୍ମୃତିର ଖିଅ ହୋଇ ରହିଛି। ତେବେ ଜନଶ୍ରୁତି ବା ଇତିହାସରେ ଭଞ୍ଜବଂଶର ଯେଉଁ କୀର୍ତ୍ତିକଳାପ ରହିଛି ତାହା କେବଳ କୁଲାଡ଼ଗଡ଼କୁ କେନ୍ଦ୍ରକରି ଗଢ଼ିଉଠିଛି। ନାଟଙ୍ଗା, ବେଣୀପଲ୍ଲୀ, ରତ୍ନପୁର, ମାଧବରିଡ଼ା, ବିରିପୁର, କରାଗଡ଼ିଆ, ଓରିଗଡ଼, ବାସୁଦେବପୁର, ଶ୍ରୀକରପୁର, ଗୋବରା, ପାଲକାଷଣ୍ଡା, ଷଢ଼ଙ୍ଗୀପଲ୍ଲୀ, ବାଲିଭାଗ, ଗାଙ୍ଗପୁର, କେଶରାପଲ୍ଲୀ, ଲୁଦୁଲୁଦି ପ୍ରଭୃତି ଗ୍ରାମରେ ଭଞ୍ଜ ରାଜବଂଶର ଛାପ ଅଦ୍ୟାବଧି ରହିଛି।

ବାସୁଦେବ ମନ୍ଦିର, ଦଧିବାମନ ମନ୍ଦିର, ମହାଦେବ ମନ୍ଦିର, କନକଦୁର୍ଗା ମନ୍ଦିର ଅଦ୍ୟାବଧି ପ୍ରାଚୀନ କୀର୍ତ୍ତିରାଜିର ବାର୍ତ୍ତା ବହନ କରିଛି। ଦେବକାର୍ଯ୍ୟ ସମ୍ପାଦନ ନିମନ୍ତେ ଯୋଗୀ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ରାଜା ଆନ୍ଧ୍ର ପ୍ରଦେଶରୁ ଆଣି ଏଠାରେ ଅବସ୍ଥାପିତ କରିଥିଲେ। ଅଷ୍ଟମ ଓ ନବମ ଶତାବ୍ଦୀ ବେଳକୁ ଯୋଗୀ ପ୍ରଥା ବହୁଳ ମାତ୍ରାରେ ଥିଲା। ଜାନୁଘଣ୍ଟିଆ ବା ଜାନୁଘଣ୍ଟ ନୃତ୍ୟ ପରମ୍ପରା ଗଞ୍ଜାମର ଏକ ସମୃଦ୍ଧ ପରମ୍ପରା। ତତ୍କାଳୀନ ଭଞ୍ଜବଂଶ ତଥା ଜୟନ୍ତୀଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' କନକଦୁର୍ଗା ଅଟନ୍ତି। ପ୍ରକାଶ ଥାଉ କି ଅଚ୍ୟୁତାନନ୍ଦ ମାଳିକା ବର୍ଣ୍ଣିତ ଏହି ଜୟନ୍ତୀଗଡ଼ର କନକଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ୧୧୮୦ ମସିହାରେ ଏକ ମହାଯଜ୍ଞ ଅନୁଷ୍ଠିତ ହେଇଥିଲା। ଏହିସବୁ କାରଣରୁ ଜୟନ୍ତୀଗଡ଼ର ପ୍ରାଚୀନତା ଓ ଭଞ୍ଜବଂଶର ଅତୀତ ଗରିମା ଅତୀବ ଗରୀୟାନ। ଭଞ୍ଜ ରାଜବଂଶର ୧୩ତମ ରାଜା ବଳଭଦ୍ର ଭଞ୍ଜ 'ଭାବବତୀ' କାବ୍ୟ ରଚନା କରିଥିଲେ ; ଯାହା ଲୋକଲୋଚନକୁ ଆସି ପାରିନାହିଁ। ତେଣୁ ବଳଭଦ୍ର ଭଞ୍ଜ ଓଡ଼ିଆ ସାହିତ୍ୟର ଆଦିକବି ବୋଲି ଏହି ଅଞ୍ଚଳବାସୀ ଦାବି କରନ୍ତି। କିନ୍ତୁ ଏହା ଗବେଷଣା ସାପେକ୍ଷ।

ଜୟନ୍ତୀଗଡ଼ର ବାସୁଦେବ ମନ୍ଦିର ଗର୍ଭଗୃହରେ ଓଲଟ ପଦ୍ମ କଡ଼ି ଓ ଶୁଆର ଚିତ୍ର ବେଶ୍ ମନମୁଗ୍ଧକର ; ଏଠାରେ ପୌରାଣିକ କଥାବସ୍ତୁକୁ ନେଇ ହାତ ତିଆରି ଡାଳିଚିତ୍ର ମାଧ୍ୟମରେ ଅପୂର୍ବ କଳା ପ୍ରଦର୍ଶିତ କରାଯାଇଛି। ବାସୁଦେବଙ୍କ ମୂର୍ତ୍ତି କଳାମୁଗୁନି ପଥରରେ ତିଆରି। ମନ୍ଦିର ଭିତରେ ତଥା ଜଗମୋହନର ପୂର୍ବ ଦିଗର ଆଗ୍ନେୟ କୋଣକୁ ଦେଢ଼ଫୁଟ ଉଚ୍ଚର ଚାରୋଟି ମୂର୍ତ୍ତି ଦଣ୍ଡାୟମାନ। ଦୁଇ ପାର୍ଶ୍ୱରେ ୨ ଜଣ ରାଜାଙ୍କ ସିପାହି କର୍ମଚାରୀ ଦେବାନ ପାତ୍ର ଓ ମେଦିନୀ ରା ରହିଥିବା ବେଳେ ମଧ୍ୟଭାଗରେ କୃଷ୍ଣ ଭଞ୍ଜ ଓ ଲକ୍ଷ୍ମଣ ଭଞ୍ଜଙ୍କ ପଥର ମୂର୍ତ୍ତି ବିଦ୍ୟମାନ ; ଯାହା ୧୭୦୪ ମସିହାର ବୋଲି ଜଣାପଡ଼େ।

ଭଞ୍ଜବଂଶୀୟ ରାଜା ପରମ ରାମଭକ୍ତ ତଥା ରାଜା ପ୍ରତାପ ଧନଞ୍ଜୟ ଭଞ୍ଜ (ଉପେନ୍ଦ୍ର ଭଞ୍ଜଙ୍କ ପିତାମହ) ପ୍ରଥମେ ନାଟଙ୍ଗା ରଘୁନାଥ ମନ୍ଦିର ନିର୍ମାଣ କରିଥିଲେ। କୌଣସି କାରଣରୁ ଏହା ଧ୍ୱଂସ ପାଇଯିବାର ପ୍ରାୟ ୧୦୦ ବର୍ଷ ପରେ ଶ୍ରୀକର ଭଞ୍ଜ ଏହାର ପୁନରୁଦ୍ଧାର କରି ବାଲିପଦର ଯୋଗୀ ମହାରଣାଙ୍କ ଦ୍ୱାରା ବୁଗୁଡ଼ା ବିରଞ୍ଚି ନାରାୟଣ ମନ୍ଦିର ଶୈଳୀରେ ତିଆରି କରାଇଥିଲେ। ମନ୍ଦିରର ଜୟବିଜୟ ଦ୍ୱାରର କାଠ ଖିଲାଣ, ମନ୍ଦିର ଗର୍ଭଗୃହର କାଠ ଖୋଦେଇ ଦ୍ୱାର ଆଦି ଏହି ମନ୍ଦିରର ସ୍ଥାପତ୍ୟ କଳା ଯେ କେତେ ସୁନ୍ଦର ଓ ପ୍ରାଚୀନ ତାହା ଦର୍ଶାଇଥାଏ। ଭଞ୍ଜରାଜାଙ୍କ ସମୟରେ ଏହି ମନ୍ଦିରରେ ଠାକୁରଙ୍କ ସାମ୍ନାରେ ନୃତ୍ୟ ପରିବେଷଣ କରିବାର ବିଧାନ ଥିଲା, ଯାହାକି ୧୯୫୦ ମସିହା ପର୍ଯ୍ୟନ୍ତ ଚଳି ଆସୁଥିବା କଥା ଲୋକମୁଖରୁ ଶୁଣାଯାଏ। ନାରାୟଣୀ, ତାରିଣୀ, ଶ୍ରୀହରି, ଚନ୍ଦ୍ରକଳା ଶେଷ ସମୟ ପର୍ଯ୍ୟନ୍ତ ଏହି ପରମ୍ପରା ବଜାୟ ରଖିଥିଲେ। ଏହା ଲୋପ ପାଇଯିବା ପରେ ରାମନବମୀ ଯାତ୍ରା ସମୟରେ ମନ୍ଦିର ତରଫରୁ ଏହା ପରିବର୍ତ୍ତେ 'ସଖୀନାଚ' ବିଧାନ ପ୍ରଚଳିତ ହୋଇ ଆସୁଛି। ତେବେ ଏ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

– ଚିନ୍ମୟ ରଞ୍ଜନ ମିଶ୍ର

*ସହାୟକ ଗ୍ରନ୍ଥ: ପୁଣ୍ୟଭୂମି ଘୁମୁସର, ଘୁମୁସର ଭଞ୍ଜ ବଂଶାବଳୀ*

*ମୋ: ୭୯୭୮୩୬୫୨୭୧*




## ଶାନ୍ତ, ମନୋରମ ପର୍ଯ୍ୟଟନସ୍ଥଳୀ

# ମଶୋବରା




**ହିମାଚଳ ପ୍ରଦେଶର ଶିମ୍‌ଲା ଜିଲା ଅନ୍ତର୍ଗତ ଏକ ଶାନ୍ତ, ମନୋରମ ପର୍ଯ୍ୟଟନସ୍ଥଳୀ ହେଉଛି ମଶୋବରା। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ, ସେଓ ବଗିଚା, ଦେବଦାରୁ ଜଙ୍ଗଲ ଏବଂ ବିଭିନ୍ନ ଐତିହାସିକ ମହତ୍ତ୍ୱ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରେ। କେବଳ ସେତିକି ନୁହେଁ, ଟ୍ରେକିଂର ଭରପୂର ମଜା ବି ଏଠି ନେଇହୁଏ ...**





ମଶୋବରା ହେଉଛି ହିମାଚଳ ପ୍ରଦେଶର ଏମିତି ଏକ ସ୍ଥାନ, ଯେଉଁଠାରେ ପର୍ଯ୍ୟଟକ ବହୁ ଉଚ୍ଚ ଉଚ୍ଚ ପାହାଡ଼, ଦେବଦାରୁ ଏବଂ ଓକ୍ ଜଙ୍ଗଲ ଦେଇ ଟ୍ରେକିଂର ମଜା ନେଇପାରିବେ। ଶିମ୍‌ଲାଠାରୁ ପ୍ରାୟ ୧୨ କି.ମି ଦୂରରେ ରହୁଥିବା ଏହି ସ୍ଥାନର ଶାନ୍ତ ବାତାବରଣରେ କିଛି ସମୟ ବିତାଇବାର ବି ସୁଯୋଗ ଲଭିପାରିବେ। କେବଳ ସେତିକି ନୁହେଁ, ସେଓ ବଗିଚା, ବନ୍ୟଜୀବ ଅଭୟାରଣ୍ୟ, ଜାତିଜାତିକା ପକ୍ଷୀ ଦେଖିବା ସହ ଫଟୋଗ୍ରାଫି ବି ଏଠି ଧୁମ୍ କରିପାରିବେ।

### ମୁଖ୍ୟ ବିଶେଷତ୍ୱ

* ଶିମ୍‌ଲା ନିକଟରେ ଥିବା ମଶୋବରା ହେଉଛି ଏକ ଶାନ୍ତ ଜାଗା, ଯେଉଁଠାରେ ପର୍ଯ୍ୟଟକଙ୍କର ବେଶି ଭିଡ଼ ଜମେ ନାହିଁ; ବିଶେଷକରି ମନାଲି ଓ ଧର୍ମଶାଳା ତୁଳନାରେ।
* ଦେବଦାରୁ ଏବଂ ଓକ୍ ଜଙ୍ଗଲ ଦେଖିବା, ଫଳ ବଗିଚାରେ ବୁଲିବା ତଥା ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରିବା ଇତ୍ୟାଦି ଏଠାକାର ମୁଖ୍ୟ ଆକର୍ଷଣ ହୋଇଥାଏ।
* ଏଠାରେ ଭାରତର ରାଷ୍ଟ୍ରପତିଙ୍କର ଗ୍ରୀଷ୍ମକାଳୀନ ନିବାସ ଥିବାର ବି ପର୍ଯ୍ୟଟକ ଦେଖିପାରିବେ।
* କେବଳ ଟ୍ରେକିଂ ନୁହେଁ ସାଇକ୍ଲିଂ, ବାଇକିଂ, କ୍ୟାମ୍ପିଂ ପାଇଁ ବି ମଶୋବରାରେ ଯଥେଷ୍ଟ ସୁବିଧା ରହିଛି।
* ମଶୋବରା ହେଉଛି ଶିମ୍‌ଲା ଜଳଭଣ୍ଡାର ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟର ମଧ୍ୟ ଏକ ଅଂଶ। ସେଥିପାଇଁ ଏଠାକାର ଜଙ୍ଗଲି ପରିବେଶରେ ପର୍ଯ୍ୟଟକ ପାଇନ୍, ଓକ୍, ଦେବଦାରୁ ଆଦି ବୃକ୍ଷ ଦେଖିପାରିବେ। ଏଥିସହିତ ବାନର, ଲାଙ୍ଗୁର, ଶୃଗାଳ, ବୋବାଉଥିବା ହରିଣ ଆଦି ଏଠାରେ ଦେଖାଯିବା ଅତି ସାଧାରଣ କଥା। ବେଳେବେଳେ ଚିତାବାଘ ବି ଏଠି ଦେଖାଯାଇଥାନ୍ତି। ଆଉ ସବୁଠୁ ଯାହା ଏଠି ଭଲ ଲାଗେ, ତାହା ହେଉଛି ଜାତିଜାତିକା ଦେଶୀ, ବିଦେଶୀ ପକ୍ଷୀଙ୍କୁ ଖୁବ୍ ନିକଟରୁ ଦେଖିବାର ସୁଯୋଗ।
* ବିଭିନ୍ନ ଐତିହାସିକ ତଥ୍ୟ ବି ଏଠାରେ ଜାଣିବାର ସୁଯୋଗ ରହିଛି।
* ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ବ୍ୟକ୍ତି, ପ୍ରକୃତିପ୍ରେମୀ, ଶାନ୍ତିପ୍ରିୟ ଲୋକଙ୍କ ପାଇଁ ମଶୋବରା ବୁଲିଯିବା ଏକ ବେଷ୍ଟ ଅପ୍ସନ ହୋଇଥାଏ।

### ଆଉ କ'ଣ ଦେଖିବେ

ମଶୋବରା ବୁଲି ଆସୁଥିବା ବ୍ୟକ୍ତି ବାଟରେ ଶିମ୍‌ଲାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ନିକଟବର୍ତ୍ତୀ ୱାଇଲ୍ଡ ଫ୍ଲାୱାର୍ ହଲ୍ ଆଡ଼େ ବି ଟିକେ ବୁଲିଯାଇ ପାରିବେ। ଏଥିସହିତ ସ୍ଥାନୀୟ ଅଞ୍ଚଳରେ କରାଯାଇଥିବା ଫଳ ବଗିଚା ମଧ୍ୟ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ।

### କ'ଣ କିଣିବେ

ପର୍ଯ୍ୟଟକ ଏଠାରୁ ସୁଲଭ ଦରରେ ଫଳମୂଳ ଏବଂ ଶୀତବସ୍ତ୍ର ଆଦି କିଣି ଆଣିପାରିବେ। ବିଶେଷକରି ଏଠାକାର ଫ୍ରୁଟ୍ସ ଜାମ୍ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ। ସେହିପରି ଶୀତବସ୍ତ୍ର ମଧ୍ୟରେ ଶାଲ୍ ଏବଂ ଷ୍ଟୋଲ୍ କିଣିବା ଏଠି ସ୍ୱତନ୍ତ୍ର ଲାଗେ।



### କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ମଶୋବରା ବୁଲିଯିବା ପାଇଁ ଏପ୍ରିଲ୍‌ରୁ ଜୁନ୍ ହେଉଛି ସବୁଠୁ ଭଲ ସମୟ। ଆଉ ଯଦି ଶୀତ ଓ ତୁଷାରପାତର ମଜା ନେବାକୁ ଚାହୁଁଥାନ୍ତି, ତା'ହେଲେ ନଭେମ୍ବରରୁ ଫେବୃଆରୀ ଭିତରେ ଏଠାକୁ ବୁଲିଯାଇପାରିବେ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ସୁବିଧା ରହିଛି। ଶିମ୍‌ଲା ରେଲ୍‌ୱେ ଷ୍ଟେସନ ହେଉଛି ଏଠାକୁ ଯିବା ପାଇଁ ନିକଟତମ ରେଳଷ୍ଟେସନ ଏବଂ ଶିମ୍‌ଲା ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ପ୍ରମୁଖ ବିମାନବନ୍ଦର।

# ପକ୍ଷୀଙ୍କ ନିଦ୍ରା ପଛର କଥା



**ମଣିଷ ଯେବେ ଗଭୀର ନିଦ୍ରାରେ ଥାଏ ସେ ଆଦୌ ହୋସରେ ନ ଥାଏ। ଏମିତିରେ କେହି କେହି କଡ଼ ଲେଉଟେଇଲା ବେଳକୁ ଖଟରୁ ବି ପଡ଼ି ଯାଆନ୍ତି। ତେବେ କେବେ ଭାବିଛନ୍ତି କି ପକ୍ଷୀମାନେ ଗଛର ଡାଳରେ ଶୋଇଥାନ୍ତି। ହେଲେ କେବେ ଗଛରୁ ପଡ଼ି ନ ଥାନ୍ତି କାହିଁକି? ଏହାବାଦ୍ କିଛି ପକ୍ଷୀ ଗୋଟେ ଆଖି ଖୋଲା କରି ବି ଶୁଅନ୍ତି । ପକ୍ଷୀମାନଙ୍କ ଏଭଳି ଶୋଇବା ପଛରେ ରହିଛି ଅନେକ କାରଣ । ଜାଣନ୍ତୁ ସେ ସମ୍ପର୍କରେ...**



**ପ**କ୍ଷୀଙ୍କର ଅଜବ ଶୋଇବା ଶୈଳୀ ପଛର ରହସ୍ୟ ଜାଣିବା ପୂର୍ବରୁ ଆମେ ଜାଣି ରଖିବା ଜରୁରୀ ଯେ, ମଣିଷ ସାଧାରଣତଃ ଅଧିକ ସମୟ ଓ ଗଭୀର ନିଦରେ ଶୋଇଥାନ୍ତି। ଆଉ ଗାଢ ନିଦ୍ରା ସମୟରେ କିଛି ମିନିଟ ପାଇଁ ସ୍ୱପ୍ନ ବି ଆସିଥାଏ। କିନ୍ତୁ ପକ୍ଷୀମାନେ ଖୁବ୍ ଛୋଟ ଛୋଟ ନିଦ ଶୋଇଥାନ୍ତି। ଗଭୀର ନିଦ୍ରାରେ ତ ବହୁତ କମ୍ ଶୁଅନ୍ତି। ଆଉ ସ୍ୱପ୍ନ ମାତ୍ର କେଇ ସେକେଣ୍ଡର ଆସିଥାଏ। ଅନେକ ସମୟରେ ଏମାନେ ଗୋଟେ ଆଖି ଖୋଲି ବି ଶୁଅନ୍ତି।

**ଗୋଟେ ଆଖି ଖୋଲି ଶୋଇବା ପଛର କାରଣ:** ପକ୍ଷୀଙ୍କର ଗୋଟିଏ ଆଖି ଖୋଲି ଶୋଇବା ସ୍ଥିତିକୁ ବୈଜ୍ଞାନିକମାନେ 'ୟୁନିହେମିସ୍ଫେରିକ ସ୍ଲୋ ୱେଭ ସ୍ଲିପ' କୁହନ୍ତି। ଅର୍ଥାତ୍ ପକ୍ଷୀମାନେ ନିଜ ମସ୍ତିଷ୍କକୁ ଏଭଳି ନିୟନ୍ତ୍ରଣ କରିନିଅନ୍ତି ଯେ, ଶୋଇବା ସମୟରେ ତାଙ୍କ ମସ୍ତିଷ୍କର ଗୋଟିଏ ଭାଗ ଗଭୀର ନିଦରେ ଥିବାବେଳେ ଅନ୍ୟ ଭାଗ ଜାଗ୍ରତ ଥାଏ। ଯେଉଁ ଭାଗ ମସ୍ତିଷ୍କ ଆକ୍ଟିଭ ରହେ ତା'ର ବିପରୀତ ଆଖି ଖୋଲା ରହେ। ଅର୍ଥାତ୍ ଯଦି ଲେଫ୍ଟ ହେମିସ୍ଫିୟର ଆକ୍ଟିଭ ରହେ ତେବେ ଡାହାଣ ଆଖି ଖୋଲିଥାଏ। ଏଭଳି ନିଦ ହେବାର କ୍ଷମତା ଥିବା ଯୋଗୁ ହିଁ ଶୋଇବା ସମୟରେ ବି ପକ୍ଷୀ ନିଜକୁ ଯେକୌଣସି ବିପଦରୁ ବଞ୍ଚାଇପାରେ। ପକ୍ଷୀ ଆକାରରେ ଛୋଟ ଓ ଦୁର୍ବଳ। ତେଣୁ ନିଜକୁ ଶିକାରୀଙ୍କଠାରୁ ରକ୍ଷା କରିବା ଲାଗି ପ୍ରକୃତି ତାଙ୍କୁ ଏଭଳି ସୁରକ୍ଷା ପଦ୍ଧତି ପ୍ରଦାନ କରିଛି। ଯଦି ସେ ଉଭୟ ଆଖି ବନ୍ଦ କରି ଗଭୀର ନିଦ୍ରାରେ ଶୋଇଯାଏ ତେବେ ସେ ସହଜରେ ଶିକାର ପାଲଟିଯିବ। ତେଣୁ ବିକାଶ ସମୟରେ ପ୍ରକୃତି ତାକୁ ଏଭଳି ନିଦ ଦେଇଛି। ଗୋଟିଏ ଆଖି ଖୋଲା ରଖି ଶୋଇବା ଦ୍ୱାରା ପକ୍ଷୀ ଶିକାରୀକୁ ନିକଟରେ ଥିବା ଅନୁଭବ କରିପାରେ। ବୈଜ୍ଞାନିକଙ୍କ ଅନୁସାରେ ଯେଉଁଠି ବିପଦ ଅଧିକ ଥାଏ ସେଇଠି ପକ୍ଷୀମାନେ ଏଭଳି ନିଦ୍ରା ନିଅନ୍ତି। ଖାସ୍‌କରି କୋଳାହଳମୟ ସ୍ଥାନ, ବେଳାଭୂମି, ଖୋଲା ପଡ଼ିଆ ଓ ବିଦ୍ୟୁତ ତାରରେ ବସି ଶୋଇବା ସମୟରେ ସେମାନେ ଗୋଟେ ଆଖି ଖୋଲି ଶୁଅନ୍ତି।





**ଶୋଇବାବେଳେ ଡାଳରୁ ନ ପଡ଼ିବା ପଛର କାରଣ:** ଶୋଇବା ସମୟରେ ଗଛରୁ ନ ପଡ଼ିବା ପଛର କାରଣ ହେଉଛି ତାଙ୍କ ମସ୍ତିଷ୍କର ଏକ ଭାଗ ସକ୍ରିୟ ରହିବା। ଅନ୍ୟ କାରଣ ହେଉଛି ତାଙ୍କ ଗୋଡର ଗଠନଶୈଳୀ। ପ୍ରକୃତି ଚଢ଼େଇଙ୍କୁ ଯେକୌଣସି ଜିନିଷକୁ ଜାବୁଡ଼ି ଧରି ରଖିବାର କ୍ଷମତା ଦେଇଛି। ଯେବେ ସେମାନେ ଗଛ ଡାଳରେ ଶୋଇବା ପାଇଁ ବସନ୍ତି ତାଙ୍କ ପଞ୍ଝା ଡାଳକୁ ଜାବୁଡ଼ି ଧରି ନିଏ। ଆଉ ତାହା ସେ ପର୍ଯ୍ୟନ୍ତ ଖୋଲି ନ ଥାଏ ଯେ ପର୍ଯ୍ୟନ୍ତ ନିଦରୁ ଉଠି ନ ଯାଆନ୍ତି । ଏକପ୍ରକାରର ଲକ୍ ହୋଇ ରହିଯାଏ ପଞ୍ଝା। ଏଭଳି ଲକ୍ ସିଷ୍ଟମ୍ ପାଇଁ ଶୁଆ ଭଳି ପକ୍ଷୀ ଡାଳରେ ଝୁଲି ରହି ବି ଶୋଇପାରନ୍ତି। ସାମୁଦ୍ରିକ ପକ୍ଷୀଙ୍କ କ୍ଷେତ୍ରରେ ବି ଅଜବ ଘଟେ। ଏମାନେ ସପ୍ତାହ ସପ୍ତାହ ଧରି ନ ଅଟକି ଉଡ଼ିଥାନ୍ତି। ୨୦୧୬ର ଏକ ଅଧ୍ୟୟନରୁ ଜଣାପଡ଼ିଛି, ଏହି ଚଢେଇ ଉଡ଼ିବା ସମୟରେ ଶୋଇଥାନ୍ତି। ସେପୁଣି ଗୋଟିଏ ଆଖି ଖୋଲା ରଖି। ଖୋଲାଥିବା ଆଖି ଉଡ଼ିବା ଦିଗରେ ରହିଥାଏ, ଯେମିତି କି କେଉଁଠାରେ ଧକ୍କା ନ ହୁଏ। ଏମାନେ ଉଡ଼ିବା ଅବସ୍ଥାରେ କମ୍ ଶୋଇଥାନ୍ତି। ଭୂମିରେ ଅଧିକ ସମୟ ଶୁଅନ୍ତି। ଏହା ଦର୍ଶାଏ ଯେ, ୟୁନିହେମିସ୍ଫେରିକ ସ୍ଲୋ ୱେଭ ସ୍ଲିପ ଲମ୍ବା ଉଡାଣରେ ବି ସାହାଯ୍ୟ କରିଥାଏ। ଏହି ବ୍ୟବହାର କେବଳ ପକ୍ଷୀଙ୍କ ଭିତରେ ନୁହେଁ ବରଂ ଡଲଫିନ୍, ସିଲ ଏବଂ ହ୍ୱେଲ୍ସଙ୍କ କ୍ଷେତ୍ରରେ ବି ଦେଖିବାକୁ ମିଳେ।

# ସବୁଠୁ ଦାମୀ ମାଛ



**ବେ**ଳେବେଳେ ଇଚ୍ଛା ହୁଏ ରାତାରାତି ଧନୀ ହେବାର ସୂତ୍ର ମିଳି ଯାଆନ୍ତା କି! ହଠାତ୍ ଏମିତି କିଛି ପାଇ ଯାଆନ୍ତୁ, ଯାହା ଧନୀ କରି ଦିଅନ୍ତା। ହେଲେ ପରବର୍ତ୍ତୀ ସମୟରେ ମନକୁ ବୁଝାଉ, ଏହା କ'ଣ କେବେ ସମ୍ଭବ ? ଜାଣି ଆଶ୍ଚର୍ଯ୍ୟ ହେବେ ଏହା ସମ୍ଭବ। ଆଉ ଏଭଳି ସୌଭାଗ୍ୟ ଆଣିପାରେ ଏକ ମାଛ, ଯାହାର ନାଁ ବ୍ଲୁ ଫିନ୍ ଟୁନା ଫିଶ୍। ଏହି ମାଛ ଏତେ ବିରଳ ଯେ, କୋଟି କୋଟି ଟଙ୍କାରେ ବିକ୍ରି ହୁଏ। ନିକଟରେ ଜାପାନର ଟୋୟୋସୁ ମାଛ ମାର୍କେଟରେ ଏହି ମାଛ ନିଲାମ ହୋଇଥିଲା। ୨୪୩ କି.ଗ୍ରା.ର ଉକ୍ତ ବିରାଟକାୟ ମାଛ ଅସମ୍ଭବଭାବେ ୨୯ କୋଟି ଟଙ୍କାରେ ନିଲାମ ହୋଇଛି, ଯାହାକୁ 'ସୁଶୀ ଜନ୍ମଇ' କମ୍ପାନୀର ମାଲିକ କିୟୋଶୀ କିମୁରା ସବୁଠୁ ଅଧିକ ଟଙ୍କାରେ କିଣି ନେଇଥିଲେ। ଏହି ବିରାଟକାୟ ମାଛକୁ ଆଇୟୁସିଏନ୍, ଏନ୍‌ଡେଞ୍ଜାରଡ଼ର ମାନ୍ୟତା ଦେଇଛି। ନୂଆବର୍ଷର ଆରମ୍ଭରେ ପ୍ରତିବର୍ଷ ଏହି ନିଲାମୀ ହୁଏ। ହେଲେ ଚଳିତ ବର୍ଷ ମିଳିଥିବା ଟୁନା ମାଛର କ୍ୱାଲିଟି, ଫ୍ରେଶନେସ୍, ଫ୍ୟାଟ କଣ୍ଟେଣ୍ଟ ଓ ଆକାର ଖୁବ୍ ଭଲ ଥିଲା। ତେଣୁ ସବୁ ରେକର୍ଡ ଭାଙ୍ଗି ୨୯ କୋଟିରେ ନିଲାମ ହେଲା। ଫଳରେ ଏହା ସବୁଠୁ ଦାମୀ ମାଛର ମାନ୍ୟତା ପାଇଲା ଏବଂ ଉକ୍ତ ମାଛକୁ ଧରିଥିବା ବ୍ୟକ୍ତି ହୋଇଗଲେ କୋଟିପତି।

କଥା ଚାଟ୍



ଶ୍ରୀମାନ୍ ସର୍ବଗିଳା

# ଲୁଟି ଖାଅ, କାଟି ପିନ୍ଧ

ମୋର ପିଲାରୁ ପଞ୍ଚମ ପଢ଼ିବା ଯାଏ ଦେଖିଛି, ପାଟିକରି 'କିଶୋରୀ କୁମାରୀ' କହି କୁଣ୍ଢେଇ ହାଟ ସାରା ଡାକି ବୁଲୁଥିବା ଲୋକଟାକୁ। କଥାର ମହତ୍ତ୍ୱ ମୋତେ ମୋଟେ ଜଣା ନ ଥିଲା। ଏଇ କିଶୋରୀ କୁମାରୀ କିଏ ? କାହିଁକି ସାପ୍ତାହିକ ସୋମବାର ଗୁରୁବାର ହାଟ ବସୁଥିଲା ବେଳେ ପ୍ରତି ପାଳି ଆସି ବୁଲିକି ଡାକ ଛାଡ଼େ ଏଇ ଡେଙ୍ଗା ଲୋକଟା ? ସେ ଯାହାଙ୍କୁ ଡାକୁଛି, ସିଏ ତା'ର ହିସାବରେ ଝିଅ ନା ସ୍ତ୍ରୀ ନା ଆଉ କୋଉ ସମ୍ପର୍କୀୟା.. ମୁଁ କିଛି ବୁଝିପାରୁ ନ ଥିବାରୁ ଲୋକଟି ପଛରେ ଧାଉଁଥିଲି, ଅଥଚ ଫଳ ଶୂନ। ଅନେକ ଦିନ ପରେ ହାଟରେ ବେପାରରେ ବ୍ୟସ୍ତ ଥିଲାବେଳେ ମୋ ବାପାଙ୍କୁ ପଚାରିଲି ''ସେଇ ଲୋକଟି ସବୁ ହାଟ ପାଳିରେ ଆରମ୍ଭରୁ ଶେଷ ଯାଏ କିଶୋରୀ କୁମାରୀ ବୋଲି କାହାକୁ କାହିଁକି ଡାକୁଛି ?'' ବାପା ଗୁଡ଼ାଏ ହସିଲେ ତ ହସିଲେ, ତାଙ୍କ ପାଖରେ ମୋ ଭାଇ ଆଉ କିଛି ଗ୍ରାହକ ମଧ୍ୟ ଏମିତି ହସିଲେ ଯେ, ମତେ ଭାରି ଲାଜ ଲାଗିଲା– ମୁଁ କ'ଣ ବୋକା ପରି କିଛି ପଚାରି ଦେଲିକି ! ଶେଷରେ ହସ ବନ୍ଦ ହେଲା, ମୋ ସନ୍ଦେହ ବି ମୋଚନ ହୋଇଗଲା ଯେ–ପ୍ରକୃତରେ ଡେଙ୍ଗା ଲୋକର କଥାକୁ ମୁଁ ଠିକ୍‌ରେ ନ ବୁଝି ସବୁ ବେଙ୍ଗା କରିଦେଇଛି। ତେବେ ଯାହାହେଉ ମୋ କଥା କାହା ଆଖିରେ ଲୁହ ନ ଦେଇ ପାଟି ଭର୍ତ୍ତି ହସ ଦେଇପାରିଛି ତ !
ବାପା କହିଲେ ହଇରେ କୁନା ! ତୁ ଭଲକରି କାନେଇଲୁ ସେ କ'ଣ କହୁଛି। ଆରେ ସେ କିଶୋରୀ କୁମାରୀ କହୁନି, ମୂଷାମାରି ଉଙ୍କୁଣୀ ମାରି ଔଷଦ ବିକୁଛି। ଲୋକଟି ଏତେ ଶୀଘ୍ର କହୁଛି ଯେ, ତତେ କିଶୋରୀ କୁମାରୀ ଶୁଭୁଛି । ଓହୋ , ଯା'ହେଉ ଏତେ ଦିନ ପରେ ଅସଲ ଭେଦ ପାଇଲି, ତା' ପିଛା ଛାଡ଼ୁ।

ଆଜ୍ଞା ! ମୁଁ କ'ଣ ଏକା ବୋକା ? ଏ ଯୁଗରେ ବହୁତ ଲୋକ ଗାନ୍ଧିଜୀଙ୍କ ନାରାକୁ ପରା ଅଲଗା ବୁଝିଛନ୍ତି। 'କୁଟି ଖାଅ କାଟି ପିନ୍ଧ' କଥାକୁ ଶୁଣିଲେ କିନ୍ତୁ ବୁଝିଲେ 'ଲୁଟି ଖାଅ କାଟି ପିନ୍ଧ' ! ଗାନ୍ଧିଜୀ ଆତ୍ମ ନିର୍ଭରଶୀଳ ହେବା ପାଇଁ ଘରେ ଘରେ ଢିଙ୍କିରେ ଧାନ ଚୁଡ଼ା ବା ଚୂନା କୁଟିକି ଖାଇବା ଓ ଅରଟରେ ସୂତା କାଟିକି ହସ୍ତ ତନ୍ତରେ ଲୁଗା ବୁଣି ପିନ୍ଧିବାକୁ ଭାରତୀୟମାନଙ୍କୁ କହିଲେ ଓ ବିଦେଶୀ ବସ୍ତ୍ର ହେଉ କି କଳ ତିଆରି ବିଦେଶୀ ଜିନିଷ ବର୍ଜନ ପାଇଁ ବୁଝେଇଲେ। ଏଇ ଯଥାର୍ଥ କଥାର ଅସଲ ଅର୍ଥ ଯେଉଁମାନେ ବୁଝିଲେ, ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ଗାନ୍ଧୀଙ୍କ ଡାକରାରେ ସଂଗ୍ରାମୀ ବନିଗଲେ। ହେଲେ ଆଉ ଯୋଉମାନେ ପିଲା ବେଳେ ମୋ ଭଳିଆ ଓଲଟା ଶୁଣିଲେ କି ବୁଝିଲେ, ସେମାନେ 'କୁଟି ଖାଅ' କୁ 'ଲୁଟି ଖାଅ' ଓ 'କାଟି ପିନ୍ଧ'କୁ କାନ, ତଣ୍ଟି କାଟିବା ବୁଝିଲେ। ଆଉ କିଏ କାଟି ପିନ୍ଧିବାର ଅର୍ଥ ପୋଷାକ କାଟି ଚିରା ଫଟା ଜିନ୍ସ ଶର୍ଟ ବା ଛୋଟିଆ ଡ୍ରେସ ପିନ୍ଧିବା ବୁଝିଲେ। ଏମିତିକା ଗାନ୍ଧୀ ଆଦର୍ଶିଆ ଯୁବତୀ–ଯୁବକ, ନାରୀ–ଭଦ୍ର ମରଦମାନଙ୍କ ସଂଖ୍ୟାର ଏବେ ଅଭିବୃଦ୍ଧି ଘଟିଛି। ତଣ୍ଟି କାଟି ସୁନାଗହଣା ଲୁଟି ନେଇ ପ୍ରେମିକା ନହେଲେ ଘରଣୀଙ୍କି ଦେଲେଣି ଅବା ଆପେ ପିନ୍ଧିଲେଣି। ଆଉ କେତେ ବୁଦ୍ଧିମାନ ଲୋକ ସରକାରୀ ଧନ ସମ୍ପତ୍ତି କି ନିଜର ମନେକରି ଚୋର ନେଇଯିବେ ଭାବି ନିଜ ଘରେ ସାଇତି ରଖିବାର ଆଦର୍ଶ ପାଳନ କଲେଣି। ପୁଣି କିଏ ମାଟି ବାଲି ଗୋଡ଼ିରେ ରାସ୍ତା କାମ କି କୋଠାବାଡି କାମ କରି, ଯନ୍ତ୍ରୀ ଓ ନେତାଙ୍କ ସହ ଉତ୍ତମ ବୁଝାମଣା ଭିତରେ ଖର୍ଚ୍ଚର ସିଂହ ଭାଗ ଲୁଟି ଖାଇବା ବୋହିବା ସାଇତିବା ଶିଖି ସାରିଲେଣି। ପୁଣି କେହି ସରକାରୀ ରାସ୍ତା କାମ ପାଇଁ ପଡ଼ିଥିବା ଗୋଡ଼ି ବାଲି ନେଇ ଆପଣା ଘର ଛାତ ପକେଇଲେଣି। ଏ ସବୁ କୁଟିଖିଆ




ଜାଗାରେ ଲୁଟିନେବା ବୁଝିବାର ଫଳ ନୁହେଁ କି ?

ଗାନ୍ଧିଜୀଙ୍କ କାଟି ପିନ୍ଧା ଆଦର୍ଶ ଆଜିକାଲି ପଢୁଆ ପିଲେ ସହରରୁ ଗାଁ ଯାଏ ପ୍ରାୟ ବୁଝି ଉତ୍ତମ ଢଙ୍ଗରେ ପାଳନ କରିବାର ଦେଖା ଯାଉଛି। ଆମ ପଡୋଶୀ ଚାରୁନନୀର ଏକମାତ୍ର ଝିଅ ସହରରେ ପାଠ ପଢି ଉଚ୍ଚ ଶିକ୍ଷିତା ହେବାପାଇଁ ଯାଇଥିଲା। କେତେମାସ ପରେ ଯେବେ ଗାଁ ଘରକୁ ଆସିଲା, ତା'ମା'ମାନେ ଚାରୁନାନୀଠାରୁ ଗୁଡ଼ାଏ ଗାଳି ଖାଇଲା। ରୁଷି କି ଉପାସେ ଶୋଇଲା। ଚାରୁନାନୀ ଯୋଉଁଥିପାଇଁ ଗାଳି ଦେଉଥିଲା ଝିଅକୁ, ନିଜେ ବି କେଇଦିନ ପରେ ଝିଅର ଆଦର୍ଶ ପଥରେ ଚଳିବାରେ ବେଶି ଖୁସି ହେଲେ। କଥାଟି ହେଲା ଦୁଇଦିନ ତଳେ ଝିଅ ତା'ଜନ୍ମଦିନ ପାଇଁ ଚାରି ହଜାରେ ଟଙ୍କାରେ ଯୋଉ ନୂଆ ଡ୍ରେସ କିଣିଥିଲା, ସେଇ ପ୍ୟାଣ୍ଟ ଆଣ୍ଠୁ ଚିରା, ଜଙ୍ଘ ଚିରା, ପଛ ଫଟା ଦେଖିକି ଚାରୁନାନୀ ଛାତି ଯେମିତି ଫାଟିଗଲା ପରି ଲାଗିଲା। କହିଲା.. ''ଆଲୋ ଝିଅ ! ତୋ ପାଇଁ ବାପାଙ୍କୁ କହି ଜନମ ଦିନକୁ ଡ୍ରେସ କିଣିବାକୁ ଏତେ ଟଙ୍କା ପଠେଇଲି। ମୋ ଆଖି ଫୁଟିଗଲାନି, ମୋ ଗୋଟାଏ ଝୁଅର ଚିରା ଫଟା ପିନ୍ଧି ଭିକାରୁଣୀ ବେଶ ଦେଖିଲି !''
ଝିଅ ଯେତେବେଳେ କହିଲା ଚାରିହଜାରରେ ଏଇ ପୋଷାକ କିଣିଛି ବୋଲି, ସେଇଠୁ ତ ବୋକୀ, ଦୋକାନୀ ଦେଲା ଠକି, କିଣିଲା ବେଳେ ଜାଣି ପାରିଲୁନି କେମିତି ଇତ୍ୟାଦି ଦୁଇ ଘଣ୍ଟା ଗାଳି ଦେଲାପରେ, ଝିଅ ବଡ଼ କଷ୍ଟରେ ବୁଝେଇଲା.. ଏହା ହେଉଛି ଆଜିକାର ଫେସନ, ବହୁ ବିଳମ୍ବରେ ହେଉପଛେ –ବୁଝିଲା ମାଆ ମନ। ବରଷେ ପରେ ଚାରୁନାନୀ ଯାଇଥିଲା ସହରକୁ ଦଶହରା ବେଳେ ମେଢ଼ ବୁଲି। ଦେଖିଲା ବହୁତ ଭଦ୍ର ମହିଳା, ଯୁବତୀ ଯୁବକ, ଚିରା ଫଟା ପିନ୍ଧି ମନ ଖୁସିରେ ବୁଲୁଛନ୍ତି। କେମିତି କେଜାଣି ଚାରୁନାନୀ ମନ ବଦଳି ଗଲା, ମା' ଓ ଝିଅଙ୍କ ପାଇଁ ଏକା ଭଳିଆ ଡ୍ରେସ କିଣାଗଲା। ପାର୍ଟି ଫଙ୍କସନ୍‌କୁ ମା' ଝିଅ ଗଲା ବେଳେ ମ୍ୟାଚିଂ ମ୍ୟାଚିଂ ପିନ୍ଧା ହେଲା। ଏମିତି ହେଲା ଯେ ଚାରୁନାନୀ ବର, ମା'ଝିଅଙ୍କ ବେଶଭୂଷା ଦେଖି ସିନା ଆଗରୁ ହେଉଥିଲେ ମନେ ମନେ ଭାରି ଗରଗର, ହେଲେ ଏବେ ସିଏ ବି ତାଙ୍କରି ହଁରେ ହଁ ମାରି କହୁଛନ୍ତି ସମୟ ସହିତ ତାଳ ଦେଇ ଚାଲିବନା। ନ ହେଲେ ପଛରେ ପଡ଼ିଯିବନି।

ଗଲା ଦି'ବର୍ଷ ତଳେ ଆମ ଗାଁ ପାଖରେ ଜଣଙ୍କ ଘର ଦୁଆର ମୁହଁରେ ସକାଳୁ ପୋଲିସ ଭ୍ୟାନ ସହିତ ତିନିଜଣ ସାନ ବଡ଼ ପୋଲିସ ବାବୁ ପହଞ୍ଚିବା ଦେଖି ଗାଁ ସାରା ଲୋକ ଆଁ କରି ଅନେଇ ଥିଲେ। ବୁଝୁ ବୁଝୁ ବୁଲା ପୁଅ ବୁବୁଲା, ଚଗଲା ସାଙ୍ଗରେ ମିଶି ବିଭିନ୍ନ ଲୋକଙ୍କ ଗାଡ଼ି, ସୁନା ଲୁଟିବା ଓ ବିକିବାରେ ଭଲ ଅଭିଜ୍ଞତା ଅର୍ଜନ କରି ସାରିଥିଲା। ବୁବୁଲା ତା' ପ୍ରେମିକାକୁ ଭାଲେଣ୍ଟାଇନ ଭଳିଆ ଶୁଭ ଦିନରେ ଯୋଉ ଶୁଭେଚ୍ଛା ଉପହାର ହାର୍ଟଶେପ୍‌ର ଲକେଟ୍ ସହ ସୁନା ଚେନ ନିଜ ହାତରେ ପିନ୍ଧେଇ ଦେଇଥିଲା, ପ୍ରେମିକାର ସେଥିରେ ଭାରି ସନ୍ଦେହ ହେଲା। ଆଉ ସେ ଯାଇ ପୋଲିସ ପାଖରେ ଫେରାଦି ହେବାରୁ ଶେଷରେ ବୁବୁଲା ଖାଲି ହାତରେ ହାତକଡି ପଡ଼ିଲା । କଥା କ'ଣ କି ଝିଅ ଚେନ୍ ଆଉ ଲକେଟ୍ ଦେଖୁ ଦେଖୁ ଜାଣି ଦେଲା ଯେ, ଆଠଦିନ ତଳେ ତା'ମାଆ ବେକରୁ ମାର୍କେଟ ବିଲ୍‌ଡିଂରେ ଚାଟ୍ ଖାଇବାବେଳେ କେହି ଜଣେ ପାଖରୁ ଝିଙ୍କି ନେଇଥିଲା। ମାଆ ବେକ ବି କାଟି ହୋଇଯାଇଥିଲା। କେତେ ପୋଲିସ୍‌ରେ ଯାଇ କମ୍ପ୍ଲେନ କରିଛନ୍ତି। ହେଲେ ଏଯାଏ କେହି କିଛି ଶୁଣି ନ ଥିଲେ କି ହଜିଥିବା ଜିନିଷ ମିଳି ନ ଥିଲା। ଅନ୍ୟପଟେ ତା' ମା' କାନ୍ଦି କାନ୍ଦି ନୟାନ୍ତ।

ଏବେ ଆଜ୍ଞା ଆପଣମାନେ କିଛି ବୁଝିପାରିଲେ ତ ! ମୋ ଭଳିଆ ବୋକା ମୂଷାମାରି ଉଙ୍କୁଣିମାରି ଡାକ କଥାକୁ କିଶୋରୀ କୁମାରୀ ବୁଝିଲା ଭଳିଆ ଗାନ୍ଧୀଙ୍କ କୁଟି ଖାଅ କାଟି ପିନ୍ଧ କଥାକୁ ଓଲଟା ବୁଝି ନାହାନ୍ତି ତ ?

–ମଙ୍ଗରାଜପୁର, ପୁରୀ
ମୋ: ୭୦୦୮୧୮୮୮୪୭


---

## ପୁସ୍ତକ ସମୀକ୍ଷା

### ଓଡ଼ିଆ ଶିଶୁ ସାହିତ୍ୟ ବିମର୍ଶ

**ଲେଖକ: ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ**
**ପ୍ରକାଶକ: କୋଣାର୍କ ପ୍ରିଣ୍ଟର୍ସ, ତୁଳସୀପୁର, କଟକ**
**ମୂଲ୍ୟ: ୩୫୦/–**


''ଓଡ଼ିଆ ଶିଶୁ ସାହିତ୍ୟ ବିମର୍ଶ' ପୁସ୍ତକରେ ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ୧୨ଟି ପ୍ରବନ୍ଧ ରଚନା କରିଛନ୍ତି। ଏହା ଏକ ସମାଲୋଚନାତ୍ମକ ପୁସ୍ତକ। ଏଥିରେ ଓଡ଼ିଆ ଶିଶୁ ସାହିତ୍ୟରେ ଆପଣାର ସ୍ୱତନ୍ତ୍ର ପଦଚିହ୍ନ ରଖିଯାଇଥିବା ସାରସ୍ୱତ ସ୍ରଷ୍ଟାମାନଙ୍କ ସୃଷ୍ଟିର ଆକଳନ କରାଯାଇଛି। ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟ ଏକ କ୍ରମ ବିକଶିତ ଧାରାରେ ସତତ ପ୍ରଧାବିତ। ସେଇ କ୍ରମ ବିକାଶରେ ବହୁ ସୃଜନଶୀଳ ସ୍ରଷ୍ଟାଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆ ସାହିତ୍ୟରେ ବିଦଗ୍ଧ ପାଠକଙ୍କ ପାଇଁ ସାହିତ୍ୟ ସୃଷ୍ଟି କରି ବହୁ ଖ୍ୟାତନାମା ସାଧକ ଆଜି ଆପଣାର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ସେହି ସ୍ରଷ୍ଟାମାନେ ମଧ୍ୟ ଆମ ପିଲାଙ୍କ ପାଇଁ ସାହିତ୍ୟ ସୃଷ୍ଟି କରି ଓଡ଼ିଆ ଶିଶୁ ସାହିତ୍ୟରେ ଆପଣାର ସ୍ଥାନ ସୃଷ୍ଟି କରିଛନ୍ତି। ଉକ୍ତ ପୁସ୍ତକରେ ସେହି ମାନଙ୍କର ଶିଶୁ ସାହିତ୍ୟର ପୂର୍ଣ୍ଣାଙ୍ଗ ରୂପଚିତ୍ର ପ୍ରକାଶ ପାଇଛି ; ଯାହାକୁ ପାଠକଲେ ଆମର ଗବେଷକ ତଥା ଅନୁସନ୍ଧିତ୍ସୁ ପାଠକମାନେ ବହୁ ଭାବରେ ସୁଫଳ ଲାଭ କରିପାରିବେ। ଭୀମଭୋଇଙ୍କଠାରୁ ଆରମ୍ଭ କରି ସତ୍ୟନାରାୟଣ ମିଶ୍ରଙ୍କ ପର୍ଯ୍ୟନ୍ତ ମୋଟ ୧୨ ଜଣ ସ୍ରଷ୍ଟାଙ୍କ ଶିଶୁ ସାହିତ୍ୟ ସମ୍ପର୍କରେ ପୁସ୍ତକରେ ଆଲୋଚନା କରାଯାଇଛି, ଯାହାକି ଅତ୍ୟନ୍ତ ଉଚ୍ଚକୋଟୀର ଓ ସୁଖପାଠ୍ୟ। ପୁସ୍ତକଟି ଶିଶୁ ସାହିତ୍ୟ ଏବଂ ଓଡ଼ିଆ ସାହିତ୍ୟରେ ରୁଚି ରଖୁଥିବା ପାଠକ ପାଠିକାଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ।




### ଓଡ଼ିଆ ଗଳ୍ପରେ ଆଦିବାସୀ ସଂସ୍କୃତି

**ଲେଖକ: ଡକ୍ଟର ଗୁପ୍ତେଶ୍ୱର ମାଝୀ, ଡକ୍ଟର ରଶ୍ମିତା ତ୍ରିପାଠୀ**
**ପ୍ରକାଶକ: କାବ୍ୟଲୋକ, ୨୯୭୪, ଗ୍ୟାରେଜ ଛକ,**
**ଲୁଇସ ରୋଡ୍, ଭୁବନେଶ୍ୱର–୨**

ପୁସ୍ତକଟିରେ ଉପସଂହାରକୁ ମିଶାଇ ୫ଟି ବିଷୟରେ ଆଲୋଚନା କରାଯାଇଛି। ଆଦିବାସୀ ସଂସ୍କୃତି କହିଲେ ମୁଖ୍ୟତଃ ସେମାନଙ୍କ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପାଳିତ ହେଉଥିବା ହେଉଥିବା ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନକୁ ବୁଝାଇଥାଏ। ଯଥା: ବାସଗୃହ, ଖାଦ୍ୟପେୟ, ଜୀବିକା, ରାଜନୀତି, ବିବାହ ପ୍ରଥା, ପର୍ବପର୍ବାଣୀ, ନାଚଗୀତ ଦେବାଦେବୀ, ଧର୍ମୀୟ ବିଶ୍ୱାସ ଓ ସଂସ୍କାର ଇତ୍ୟାଦି। ପରମ୍ପରାଗତ ଜ୍ଞାନର ସଂଗଠିତ ରୂପ ହେଉଛି ସଂସ୍କୃତି। ପ୍ରକୃତରେ ଆଦିବାସୀମାନଙ୍କ ସଂସ୍କୃତି ହିଁ ନିଆରା, ଯାହା ପୁସ୍ତକରେ ପ୍ରତିଫଳିତ ହୋଇଛି। ଆଲୋଚ୍ୟ ପ୍ରସଙ୍ଗଗୁଡିକୁ କେତେଗୁଡିଏ ବିଭାଗରେ ବିଭାଗୀକରଣ କରାଯାଇଛି। ପ୍ରଥମେ ଓଡ଼ିଶାର ଆଦିବାସୀ ସଂସ୍କୃତି ଉପରେ ଆଲୋଚନା କରାଯାଇଛି। ସେମାନଙ୍କ ଅବସ୍ଥିତି, ଲୋକସଂଖ୍ୟା, ଜାତିଗୋତ୍ର ଓ ବିବାହ ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଦ୍ୱିତୀୟରେ ଆଦିବାସୀ ଭିତ୍ତିକ ଓଡ଼ିଆ ଗଳ୍ପର ବିକାଶଧାରା ଉପରେ ଆଲୋଚନା କରାଯାଇଛି। ପରେ ଓଡ଼ିଆ ଗଳ୍ପରେ ଆଦିବାସୀ ସଂସ୍କୃତିର ଚିତ୍ର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ବିଶେଷକରି ଧର୍ମବିଶ୍ୱାସ, ବେଶପୋଷାକ, ବିଶ୍ୱାସ ଓ ବିବାହ ପ୍ରସଙ୍ଗ ଉପରେ ଆଲୋଚନା କରାଯିବା ସହିତ ଓଡିଆ ଗଳ୍ପରେ ଆଦିବାସୀଙ୍କ ସମସ୍ୟାର ଚିତ୍ର ପୁସ୍ତକରେ ବର୍ଣ୍ଣିତ ହୋଇଛି। ଆଶା ପୁସ୍ତକଟି ପାଠକ ଓ ଗବେଷକଙ୍କ ମଧ୍ୟରେ ଆଦୃତିଲାଭ କରିବ।



# ନାକରେ ଖାଉଥିବା ମହିଳା

**ଅ**ନେକ ସମୟରେ ଲୋକେ ଅସୁସ୍ଥ ଥିବାବେଳେ ଯଦି ପାଟିରେ ଖାଇବାକୁ ସକ୍ଷମ ନ ହୁଅନ୍ତି, ସେମାନଙ୍କୁ ନାଜାଲ ଫିଡିଂ କରାଯାଏ । ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଜଣେ ମହିଳା ଅଛନ୍ତି, ଯିଏକି ଦୈନନ୍ଦିନ ଜୀବନରେ ସମସ୍ତଙ୍କ ଭଳି ପାଟିରେ ନ ଖାଇ, ଖାଇଥାନ୍ତି ନାକରେ । ମହିଳାଜଣକ ହେଉଛନ୍ତି ଆମେରିକା, ଭର୍ଜିନିଆର କ୍ୟାଥରିନ୍ । ସେ କୁହନ୍ତି, ''ପୂର୍ବେ ମୁଁ ବି ସମସ୍ତଙ୍କ ଭଳି ପାଟିରେ ଖାଦ୍ୟ ଖାଉଥିଲି । ହେଲେ କମ୍ୟୁନିଟି କଲେଜରେ ପଢିବାବେଳେ କିଛି ସାଙ୍ଗ ମତେ ନାକରେ ଫ୍ରୁଟ୍ ଜୁସ୍ ପିଇବାର ଚ୍ୟାଲେଞ୍ଜ ଦେଇଥିଲେ । ତାକୁ ସଫଳଭାବେ ସମ୍ପନ୍ନ କରିବା ପରେ, ମୋ ମନରେ ବିଭିନ୍ନ ପ୍ରକାରର ଖାଦ୍ୟକୁ ଗ୍ରାଇଣ୍ଡ କରି ନାକରେ ଖାଇବାର ନିଶା ଆରମ୍ଭ ହେଲା । ଏବେ ପ୍ରାୟ ୫ ବର୍ଷ ହେବ ମୁଁ ମୋର ସବୁ ଖାଦ୍ୟ ନାକଦେଇ ଖାଉଛି । ଯେଉଁଥିରେ ଗ୍ରାଇଣ୍ଡ କରାଯାଇଥିବା ଅମଲେଟ୍, ପାଳଙ୍ଗ ଶାଗ, ଛତୁ, କଫି, ମସାଲାଦାର ଗୁଆକାମୋଲେ ଆଦି ସାମିଲ ଅଛି । ଏଭଳି ଖାଇବା ଦ୍ୱାରା ମାତ୍ରାଧିକ ଖାଇବା ଓ ତଣ୍ଟିରେ ଲାଗିବା ଭଳି ସମସ୍ୟାରୁ ମୁକ୍ତି ମିଳିଛି । ମୁଁ ତ ଏଭଳି ଭାବେ ନାକରେ ଆରାମରେ ଖାଇଦିଏ । ହେଲେ ଯେଉଁମାନେ ମତେ ଏଭଳି ଖାଉଥିବାର ଦେଖନ୍ତି, ଅସହଜ ମନେକରନ୍ତି ।'' ଡାକ୍ତର ତାଙ୍କୁ ଏଭଳି ଖାଦ୍ୟ ଗ୍ରହଣ ଯୋଗୁ କ'ଣ କ'ଣ ସମସ୍ୟା ଆସିପାରେ ଚେତାଇଛନ୍ତି । ହେଲେ କ୍ୟାଥରିନ୍ ଏନେଇ ଆଦୌ ଚିନ୍ତିତ ନୁହନ୍ତି । କାରଣ ଏଯାଏ ସେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନାହାନ୍ତି ।



ବ୍ୟାକ୍ ପେଜ୍



# ସ୍ୱର୍ଗ ନା ମୃତ୍ୟୁର ଦ୍ୱାର !





**ଇ**ଥିଓପିଆରେ ଦେଖିବାକୁ ମିଳେ ପ୍ରକୃତିର ଏକ ବେଶ୍ ସୁନ୍ଦର କିନ୍ତୁ ଅଜବ ଦୃଶ୍ୟ । ଏଠାକାର ଡାଲୋଲରେ ନୀଳ, ହଳଦିଆ, ସବୁଜ ଓ ନାରଙ୍ଗୀ ରଙ୍ଗର ଅନେକ ସୁନ୍ଦର ସୁନ୍ଦର ଛୋଟ ବଡ଼ ଜଳାଶୟ ଦେଖିବାକୁ ମିଳେ । ଏସବୁ ଏତେ ସୁନ୍ଦର ଦେଖାଯାଏ ଯେ, ଲାଗେ ଏଇଠି ଅଛି ସ୍ୱର୍ଗ । ହେଲେ ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ । ଅର୍ଥାତ୍ ଏସବୁ ଜଳାଶୟ ନୁହେଁ ବରଂ ଏସିଡ୍ ପୁଲ୍, ଯାହାକି ସଲଫର୍, କପର ଓ ଆଇରନ୍ ଅକ୍ସାଇଡ୍‌ରେ ସୃଷ୍ଟି ହୋଇଛି । ଦେଖିବାକୁ ବେଶ୍ ସୁନ୍ଦର ହେଲେ ହେଁ ଏହା ଖୁବ୍ ବିପଜ୍ଜନକ । ଗାଡିଆ ଗୁଡ଼ିକ ୫୦° ସେ.ରୁ ଅଧିକ ଗରମ ରହେ । ତା'ସହ ଏହା ଏସିଡିକ ଓ ବିଷାକ୍ତ । ଯଦି ୟା' ଭିତରେ କେହି ପଡ଼ି ଯାଆନ୍ତି ତେବେ ଜୀବନ ଯାଇପାରେ । ହେଲେ ଦୂରରୁ ଦେଖିଲେ ସ୍ୱର୍ଗ ପରି ଅଥବା ଅନ୍ୟ କୌଣସି ଗ୍ରହକୁ ଆସିବା ପରି ଅନୁଭୂତ ହୁଏ । ଏହି ଗାଡିଆଗୁଡ଼ିକରେ ଆଦୌ ଜୀବନ ନିହିତ ନାହିଁ । ସ୍ପାନିଶ ଫାଉଣ୍ଡେଶନ୍ ଫର ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଗବେଷକ କୁହନ୍ତି, 'ଡାଲୋଲ କ୍ଷେତ୍ରରେ ଲବଣରେଭରା ଜ୍ୱାଳାମୁଖୀର ମୁଖ ବା କ୍ରେଟରରେ ଅଛି । ଜଳତାପୀୟ ଗତିବିଧି କାରଣରୁ ଏହି କ୍ରେଟରରୁ ଲଗାତର ଗରମ ପାଣି ଓ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥାଏ । ଶୀତଦିନେ ବି ଏହି ସ୍ଥାନର ତାପମାତ୍ରା ୪୫° ସେ.ରୁ ଅଧିକ ରହେ । ତେଣୁ ଏହା ପୃଥିବୀର ବିଭିନ୍ନ ଉଷ୍ମ ବାତାବରଣ ସ୍ଥାନ ମଧ୍ୟରେ ଅନ୍ୟତମ ।

# ବାମନଙ୍କ ଗାଁ

**ଜା**ଣନ୍ତି କି ଏମିତି ଏକ ଗାଁ ଅଛି ଯେଉଁଠି ଗତ ୬୦ ବର୍ଷ ଧରି କେବଳ ବାମନ ହିଁ ଜନ୍ମ ହେଉଛନ୍ତି । ଏଠାକାର ୫୦ ପ୍ରତିଶତରୁ ଅଧିକ ଜନସଂଖ୍ୟା ବାମନ । ଏହି ଗାଁଟି ହେଉଛି ଚାଇନାର ଶିଚୁଆନ ପ୍ରାନ୍ତର ଏକ ଛୋଟିଆ ଗାଁ ୟାଙ୍ଗସି । ଯାହାକି 'ଅଭିଶପ୍ତ ଗାଁ' ଓ 'ବାମନଙ୍କ ଗାଁ' ଭାବେ ସାରା ପୃଥିବୀରେ ପରିଚିତ । ଦୀର୍ଘ ୬୦ ବର୍ଷ ହେବ ଏଠାରେ ବାମନ ଜନ୍ମ ହେଉଛନ୍ତି । ତେଣୁ ଏଠାକାର ଅଧିକାଂଶ ଅଧିବାସୀଙ୍କ ଉଚ୍ଚତା ମାତ୍ର ୨-୩ ଫୁଟ ମଧ୍ୟରେ ସୀମିତ । ରିପୋର୍ଟ ଅନୁଯାୟୀ ୧୯୫୧ ମସିହାଠାରୁ ସତେ ଯେମିତି କେହି ଏହି ଗାଁର ପିଲାଙ୍କ ବିକାଶରେ ପ୍ରତିବନ୍ଧକ ଲଗେଇ ଦେଇଛନ୍ତି । ଏଠି ଶିଶୁ ଜନ୍ମ ହେବାବେଳେ ତ ସୁସ୍ଥ ଓ ସାଧାରଣ ଭାବେ ଜନ୍ମ ହେଉଛନ୍ତି, ସାଧାରଣଭାବେ ବଢୁଛନ୍ତି । ହେଲେ ୫ରୁ ୭ବର୍ଷ ବୟସରେ ପହଞ୍ଚିବାବେଳକୁ ସେମାନଙ୍କ ବଢିବା ହଠାତ ବନ୍ଦ ହୋଇଯାଉଛି । ଏହାର କାରଣ ଜାଣିବା ଲାଗି ଏଠାକାର ମାଟି, ପାଣି, ପବନ, ଶସ୍ୟ ଆଦିର ଯାଞ୍ଚ କରାଯାଇଛି । ହେଲେ ଏହାପଛର କାରଣ କିଛି ଜଣାପଡ଼ିନି । ସ୍ଥାନୀୟ ଲୋକେ ଏହାକୁ ଅଭିଶାପ ବୋଲି ବିଶ୍ୱାସ କରନ୍ତି । ଆଉ ଐତିହାସିକ କୁହନ୍ତି, ଯୁଦ୍ଧ ସମୟରେ ଜାପାନ ଦ୍ୱାରା ଛଡ଼ାଯାଇଥିବା ବିଷାକ୍ତ ଗ୍ୟାସ ଅବା ରାସାୟନିକ ପ୍ରୟୋଗର ଏହା କୁପରିଣାମ ହୋଇଥାଇପାରେ । ଏହାସହ ୧୯୫୦ରେ ଏକ ଅଜଣା ରହସ୍ୟମୟ ରୋଗ ଏଠାରେ ହୋଇଥିଲା, ଯାହାର ପରିଣାମସ୍ୱରୂପ ନୂଆପିଢିର ଉଚ୍ଚତା ବଢିବା ବନ୍ଦ ହୋଇଥାଇପାରେ ବୋଲି କୁହାଯାଏ । ବୈଜ୍ଞାନିକ ଏହି ବାମନ ହେବାକୁ 'ଷ୍ଟଣ୍ଟେଡ ଗ୍ରୋଥ' ନାମ ଦେଇଛନ୍ତି ।

